THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର



● ମନୋରଞ୍ଜନ

ସ୍କାଇରେ ଆଲିଆଙ୍କ ଭୂମିକା

ରବିବାର ମ୍ୟାଗାଜିନ୍ | ରବିବାର, ୭ ଜୁଲାଇ, ୨୦୨୪

# ରଥ


# ପଥ

# ଶ୍ରୀଜଗନ୍ନାଥ



ତୁମେ ନିଜକୁ ଦୁର୍ବଳ ମନେ କରୁଛ, ନହେଲେ ତୁମେ ଯାହା କରିପାରିବ ତାହା ଅନ୍ୟ କେହି ହେଲେ କରିପାରିବେ ନାହିଁ । -ଗୌତମ ବୁଦ୍ଧ

# ସବୁ ସୁସ୍ଥ ବ୍ୟକ୍ତି ଧନୀ



ମହାତ୍ମା ଗୌତମ ବୁଦ୍ଧ ସବୁ ବ୍ୟକ୍ତିଙ୍କୁ ଧନୀ ବୋଲି କହନ୍ତି । ଥରେ ଏକ ରାଜ୍ୟର ରାଜା ଗୌତମ ବୁଦ୍ଧଙ୍କୁ କିଛି ଦିନ ପାଇଁ ତାଙ୍କ ରାଜ୍ୟକୁ ଯିବା ପାଇଁ ନିମନ୍ତ୍ରଣ ଦେଲେ । ବୁଦ୍ଧଦେବ ସେହି ରାଜାଙ୍କ ନିମନ୍ତ୍ରଣକୁ ସ୍ୱୀକାର କରି କିଛି ଶିଷ୍ୟଙ୍କ ସହିତ ସେହି ରାଜ୍ୟକୁ ଚାଲିଗଲେ । ରାଜା, ବୁଦ୍ଧଦେବଙ୍କ ସହିତ ସାକ୍ଷାତ କଲେ । ସେଠାରେ କିଛି ଦିନ ରହି ତାଙ୍କ ରାଜ୍ୟର ଲୋକମାନଙ୍କ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କୁ ଧାର୍ମିକ ମାର୍ଗରେ ଚାଲିବା ପାଇଁ ଶିକ୍ଷା ଦେବାକୁ ରାଜା ବୁଦ୍ଧଦେବଙ୍କୁ ଅନୁରୋଧ କଲେ । ବୁଦ୍ଧଦେବ ରାଜାଙ୍କ କଥା ମାନିନେଲେ ଓ ସେହି ରାଜ୍ୟରେ ତିନି ଦିନ ପାଇଁ ଏକ ଧାର୍ମିକ ପରିଷଦର ଆୟୋଜନ କରିବା ପାଇଁ ନିର୍ଣ୍ଣୟ ନିଆଗଲା । ଗୌତମ ବୁଦ୍ଧଙ୍କ ଆଗମନର ଖବର ପୂରା ରାଜ୍ୟରେ ବ୍ୟାପିଗଲା ଓ ଧାର୍ମିକ ସଭାର ପ୍ରଥମ ଦିନ ବହୁତ ଲୋକ ଯୋଗ ଦେଇଥିଲେ । ସେହି ରାଜ୍ୟର ଏକ ଛକ ସ୍ଥାନରେ ଜଣେ ଭିକାରି ବସୁଥିଲା । ସେ ବୁଦ୍ଧଦେବଙ୍କ ଆଗମନର ଖବର ପାଇଥିଲା । କିନ୍ତୁ ସେ ଧର୍ମସଭାରେ ଯାଇ ଓ ସେଠାରେ ବସି କ'ଣ ଲାଭ ପାଇବ ବୋଲି ଭାବିଲା । ଯେତେ ଯେତେ ଲୋକ ସଭାକୁ ଆସିବେ ସେମାନେ ମୋତେ ଭିକ୍ଷା ଦେବେ ବୋଲି ଭିକାରି ଚିନ୍ତା କରୁଥାଏ । ପ୍ରଥମ ଦିନ ଯେତେ ଲୋକ ଆସିଲେ ଏହି ଭିକାରିଟି ଖୁବ୍ ଆୟ କଲା । ପରଦିନ ଏହି କ୍ରମ ଜାରି ରହିଲା । ଧାର୍ମିକ ସଭାକୁ ଯାଉଥିବା ଯେଉଁ ଲୋକଙ୍କ ମୁହଁରେ ଉଦାସ ଓ ଦୁଃଖ ଭାବ ରହୁଥିଲା ସେମାନେ ଭିକାରିଟିକୁ କିଛି ହେଲେ ଦେଉନଥିଲେ । ଯେତେବେଳେ ବୁଦ୍ଧଦେବଙ୍କ ସହିତ ସେମାନେ ସାକ୍ଷାତ କରି ଫେରୁଥିଲେ ବହୁତ ଖୁସି ଦେଖାଯାଉଥିଲେ ଓ ଖୁସିରେ ଖୁସିରେ ଭିକ୍ଷା ଦେଉଥିଲେ । ଏହା ଚିନ୍ତା କରି କରି ଦୁଇ ଦିନ ବିତିଗଲା ।

ତୃତୀୟ ଦିନ ଯେତେବେଳେ ବହୁତ କମ୍ ଲୋକ ଆସିଲେ ଭିକାରିଟି ତା'ର ଆୟ କମିଯିବ ଭାବି ଚିନ୍ତିତ ହୋଇଗଲା । ବୁଦ୍ଧଦେବ ସମସ୍ତଙ୍କ ସମସ୍ୟାର ସମାଧାନ କରୁଛନ୍ତି ତ ମୁଁ ମଧ୍ୟ ତାଙ୍କ ପାଖକୁ ଯାଇ ମୋର ଗରିବୀ କିପରି ଦୂର ହେବ ସେ ବିଷୟରେ ପଚାରି ବୁଝିବି ବୋଲି ଭାବିଲା । ଏହା ଚିନ୍ତା କରି ଭିକାରିଟି ଧର୍ମସଭାରେ ଯାଇ ପହଞ୍ଚିଲା । ସେଠାରେ ଲମ୍ବା ଧାଡ଼ି ଥିଲା । ବଡ଼ କଷ୍ଟରେ ତା'ର ପାଳି ଆସିଲା । ସେ ବୁଦ୍ଧଦେବଙ୍କୁ ପ୍ରଣାମ କରି କହିଲା-ପ୍ରଭୁ, ଏହି ଗ୍ରାମର ସବୁ ଲୋକ ସୁଖୀ ଓ ସବୁ ଲୋକ ଧନବାନ ଓ ସୁଖ-ସୁବିଧାସମ୍ପନ୍ନ । କିନ୍ତୁ ମୁଁ ଗରିବ କିପରି ହେଲି ? ଏହାର ଉତ୍ତର ଶୁଣି ବୁଦ୍ଧଦେବ କହିଲେ-ତୁମେ ସମସ୍ତଙ୍କୁ ସବୁବେଳେ କିଛି ନା କିଛି ମାଗୁଛ କିନ୍ତୁ କେବେ କାହାରିକୁ କିଛି ବି ହେଲେ ଦେଉନାହଁ । ଏହା କହି ସେ ଭିକାରି ଆଡ଼କୁ ଚାହିଁ କହିଲେ- ତୁମକୁ ଲାଗୁଛି କି ଲୋକମାନେ ତୁମକୁ ବହୁତ ଧନ ଦେବେ ଓ ଏହା ବଦଳରେ ତୁମେ କାହାରିକୁ କିଛି ବି ହେଲେ ଦେବ ନାହିଁ ।' ଏହା ଶୁଣି ଭିକାରି ଆଶ୍ଚର୍ଯ୍ୟ ହୋଇ କହିଲା-ହେ ପ୍ରଭୁ, ମୁଁ ଭିକ ମାଗି ପରିବାର ଚଳଉଛି । ମୋ ପାଖରେ ଦେବା ପାଇଁ କ'ଣ ଅଛି ଯେ ମୁଁ ଦେବି ବୋଲି ଆପଣ ଭାବୁଛନ୍ତି ? ବୁଦ୍ଧଦେବ ଏକଥା ଶୁଣି କିଛି ସମୟ ପାଇଁ ଚୁପ୍ ହୋଇଗଲେ ଓ କିଛି ସମୟ ପରେ କହିଲେ-ତୁମେ ଗୋଟିଏ ମୂର୍ଖ ଲୋକ । ଭଗବାନ ତୁମକୁ ଓ ଆମମାନଙ୍କୁ ବହୁତ କିଛି ଅନ୍ୟମାନଙ୍କୁ ବାଣ୍ଟିବା ପାଇଁ ଦେଇଛନ୍ତି ।

ତୁମେ ଅନ୍ୟମାନଙ୍କୁ ଦେଖି ସ୍ମିତହାସ୍ୟ କରିପାରିବ ଯାହା ଲୋକମାନଙ୍କ ଭିତରେ ଆଶାର କିରଣ ଜାଗ୍ରତ କରେଇ ପାରିବ । ତୁମେ ମିଠା କଥା କହି ଲୋକମାନଙ୍କୁ ପ୍ରଶଂସା କରିପାରିବ । ଦୁଇ ହାତ ତୁମକୁ ମିଳିଛି ଯେଉଁଥିରେ ତୁମେ ଅନ୍ୟକୁ ସାହାଯ୍ୟ କରିପାରିବ । ତୁମକୁ ଏକ ସୁସ୍ଥ ଶରୀର ମିଳିଛି ଯାହାର ଉପଯୋଗ କରି ତୁମେ ଭିକ ମାଗିବା ଛାଡ଼ି କଠିନ ପରିଶ୍ରମ କରିପାରିବ । ଯେଉଁ ବ୍ୟକ୍ତିକୁ ଭଗବାନ ବିନା କୌଣସି ଅସୁବିଧାରେ ଏହି ସବୁ ଜିନିଷ ଦେଇଛନ୍ତି ସେ କେବେ ଗରିବ ହୋଇନପାରେ । ତୁମେ ନିଜ ଚିନ୍ତାଧାରା ପାଇଁ ଗରିବ ହୋଇଛ । ଯେପରି ତୁମେ ଏହି ଚିନ୍ତାଧାରାରୁ ବାହାରିବ ତୁମେ ଅନ୍ୟମାନଙ୍କ ପରି ନିଜକୁ ଧନୀ ବୋଲି ଭାବିବ ଓ ତୁମର ଜୀବନ ଖୁବ୍ ଭଲରେ ଅତିବାହିତ ହେବ । ଅନ୍ୟର ଖୁସିକୁ ଦେଖି ନିଜ ସହିତ ତୁଳନା କରିବା ଉଚିତ ନୁହେଁ । ଭଗବାନ ସମସ୍ତଙ୍କୁ ଧନୀ କରି ପଠାଇଛନ୍ତି । କେବଳ ନିଜର ଚିନ୍ତାଧାରାକୁ ସୁଧାରିବାର ଆବଶ୍ୟକତା ରହିଛି । ବୁଦ୍ଧଦେବଙ୍କ କଥା ଶୁଣି ଭିକାରି ନିଜ ଜୀବନର ମୂଲ୍ୟ ବୁଝିଲା ଓ ତାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷାଗୁଡ଼ିକ ଅନୁସାରେ ଜୀବନଯାପନ କରିବାକୁ ଲାଗିଲା ।


**ଶିକ୍ଷା-ଆମେ ନିଜର ତୁଳନା ଅନ୍ୟ ସହିତ କରନ୍ତି ବା ଅନ୍ୟକୁ ସୁଖୀ ଦେଖିଲେ ଆମ ଜୀବନ ବହୁତ ଦୁଃଖରେ ଚାଲିଥିବା କଥା ଭାବନ୍ତି । ଆମେ କେବେ ମଧ୍ୟ ନିଜ ଭଲ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତି ନାହିଁ । ତେବେ ଜଣେ ବ୍ୟକ୍ତି କେତେ ବି ଧନୀ ହୋଇଥାଉ ନା କାହିଁକି ଯଦି ତା'ର ଶରୀର ଅସୁସ୍ଥ ଅଛି ତେବେ ସେ କେଉଁ କାମରେ ଆସିବ ନାହିଁ । ଯଦି ଶରୀର ସୁସ୍ଥ ଅଛି ତେବେ ଆପଣ ଜଣେ ଧନୀ ବ୍ୟକ୍ତି ବୋଲି ଜାଣିବେ ।**

# ରଥେ ଭଣ୍ଡ ଡାକ ଛାଡ଼ନ୍ତେ ଡାହୁକ....

ନାରାୟଣ ଚନ୍ଦ୍ର ବିଶ୍ୱାଳ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ସେବା ନଂ - ୧୦୪ରେ ରଥ ଡାହୁକ ସେବାର ଉଲ୍ଲେଖ ରହିଛି । ତେବେ ୧୯୯୫ ମସିହାରେ ରଥଯାତ୍ରା ଠାରେ ମନକୁ ଫନ୍ଦା ଗୀତ ବା ଦୀର୍ଘ ବର୍ଷ ଧରି ଚଳିଆସୁଥିବା ଗୀତ ଗାଇବା ଉପରେ ଶ୍ରୀମନ୍ଦିର ପ୍ରଶାସନ କଟକଣା ଜାରି କରିଛନ୍ତି । ଯାହାଦ୍ୱାରା ୧୯୯୭ ଠାରୁ ଡାହୁକ ସେବା ବନ୍ଦ ହୋଇଯାଇଛି । ବିଂଶ ଶତାବ୍ଦୀର ଆଦ୍ୟପାଦରେ ପୁରୀରର ଜନୈକ ସ୍ୱଳ୍ପଖ୍ୟାତ କବି ସ୍ୱର୍ଗତ ଜଗଦ୍ଦେବ ମିଶ୍ର ପୁରୀର ଲୋକସଂସ୍କୃତିକୁ ନେଇ ସ୍ଥାନୀୟ ଭାଷାରେ ଲେଖିଥିଲେ 'ସହରୀ ଜାଲମ୍' ନାମକ ଏକ ପୁସ୍ତିକା । ସେଥିରେ ଡାହୁକ ବୋଲି ସଂପର୍କରେ ରୋଚକ ବର୍ଣ୍ଣନା ଅଛି । ସେ ଲେଖିଛନ୍ତି - 'ରଥେ ଭଣ୍ଡ ଡାକ ଛାଡ଼ନ୍ତେ ଡାହୁକ, ବକ ସିଆଣିଆ ଲୋକ । ଅରକ୍ଷିତ ଯାକ ଶୁଣିବାକୁ ରଙ୍କ ନମାନିଲେ ଶୋଷ ଭୋକ । ଏଥିରୁ ସ୍ପଷ୍ଟ ଯେ ଡାହୁକବୋଲିର ଆକର୍ଷଣ ଲୋକଙ୍କ ପାଖରେ ଥିଲା ତୀବ୍ର । ଡାହୁକ ଶବ୍ଦର ସୃଷ୍ଟି ସମ୍ପର୍କରେ ଭିନ୍ନ ଭିନ୍ନ ଗବେଷକ ଓ ଭାଷାବିତ୍ ଭିନ୍ନ ତଥ୍ୟ ରଖିଛନ୍ତି । କେହି କେହି ଏହାକୁ ଶ୍ରୀଜଗନ୍ନାଥ ରଥର ସାରଥୀ 'ଦାରୁକ, ନାଉରୀ ବା ସାରଥୀ -'ବାହୁକ ବା ଖନାବଚନ ପରି ଯେ ସତ୍ୟବଚନ ବା ଭବିଷ୍ୟବକ୍ତା' ଡାକରୁ ସୃଷ୍ଟି ହୋଇଛି ବୋଲି କୁହନ୍ତି । ଅଧିକାଂଶ କ୍ଷେତ୍ରରେ ଡାହୁକ ବୋଲି ଅନେକାଂଶରେ ଅଶ୍ଳୀଳ ପ୍ରତୀୟମାନ ହେଲେ ହେଁ ତନ୍ତ୍ର ଯୁଗର ସହଜ ସାଧନାର ପ୍ରବାହ ପୃଷ୍ଠ । ଅନୁସନ୍ଧାନରୁ ଜଣାଯାଇଛି ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ୧୯୬୫ରେ ବାରିପଦାରେ ଅଧ୍ୟାପକ ଥିବାବେଳେ ସ୍ଥାନୀୟ ବାରିପଦା ମନ୍ଦିର ପାଇଁ ଓଡ଼ିଆ ଭାଷାର କିଛି ଭଲ ଢ଼ଗଢ଼ମାଳୀ ବାଛିବା ସହିତ ନିଜେ କେତେକ ଡାହୁକ ଗୀତ ଲେଖି ପ୍ରଚଳନ କରାଇଥିଲେ ।

ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାରେ ରହିଛି ଅନେକ ସ୍ୱକୀୟତା । ଆଉ ଏହି ସ୍ୱକୀୟତା ହିଁ ତାର ସୁଗନ୍ଧ । ଯଦି ସଂସ୍କୃତ ଓ ସଭ୍ୟ କରିବା ଆଳରେ ଏହି ସଂସ୍କୃତ ଓ ପରାମ୍ପରାରେ ଅଯୌକ୍ତିକ ଓ ଅଯଥାର୍ଥ ପରିବର୍ତ୍ତନ କରାଯାଏ ତେବେ ତାହା ଆଦୌ ଗ୍ରହଣୀୟ ହୋଇପାରିବ ନାହିଁ ବୋଲି କେତେକ ଗବେଷକଙ୍କ ମତ । ସେମାନଙ୍କ ଯୁକ୍ତି ହେଉଛି ଡାହୁକମାନେ ରଥରେ ଯେଉଁ ଆମୋଦଦାୟକ ପଙ୍କ୍ତି ସମୂହ ଉଚ୍ଚାରଣ କରିଆସୁଥିଲେ ତାହାର ସାହିତ୍ୟିକ ତାତ୍ପର୍ଯ୍ୟ ରହିଛି । ବୌଦ୍ଧଗାନ ଓ ଦୋହାର ରଚୟିତା ହିଁ ହେଉଛନ୍ତି ଡାହୁକ ବୋଲିର ପ୍ରଣେତା । ଏଇଠି ବି କିଛି ଐତିହାସିକଙ୍କ ଯୁକ୍ତି ବିଭିନ୍ନ ମନ୍ଦିର ଗାତ୍ରରେ ମୈଥୁନ ମୁଦ୍ରାରେ ଥିବା ମୂର୍ତ୍ତିବି ସଂପୂର୍ଣ୍ଣ ଅଶ୍ଳୀଳ ହେତୁ ତାକୁ କ'ଣ ଭଙ୍ଗା ଯିବା ଦରକାର ?



୧୯୯୪ ମସିହା ଡିସେମ୍ବର ୧୨ ତାରିଖରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବରେ ଡାହୁକ ବୋଲିକୁ ବନ୍ଦ କରିବା ପାଇଁ ବିଧିବଦ୍ଧ ଯୋଜନା ଆରମ୍ଭ ହୋଇଥିଲା । ପାରମ୍ପରିକ ଡାହୁକ ବୋଲି ତନ୍ତ୍ରତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ଚକ୍ରତତ୍ତ୍ୱର ଏକ ସମନ୍ୱିତ ପରିପ୍ରକାଶ । ଯାହାକି ପ୍ରାଚୀନ ସାନ୍ଧ୍ୟ ଭାଷାରେ ଲିପିବଦ୍ଧ ହୋଇଛି । ଗଣମାଧ୍ୟମକୁ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲକର ଡାହୁକ ବୋଲିକୁ ଅଶ୍ଳୀଳ ନୁହେଁ ବୋଲି ଦୃଢ଼ଯୁକ୍ତି ବାଢ଼ି କହିଛନ୍ତି ଯେ - 'ଡାହୁକ ବୋଲି ଦ୍ୱିଅର୍ଥ ବୋଧକ ଶବ୍ଦ କିନ୍ତୁ ଏହା ଶୀରର ତତ୍ତ୍ୱ ଓ ପିଣ୍ଡ ବ୍ରାହ୍ମଣ୍ଡ ତତ୍ତ୍ୱ ଜନମାନସରେ ସଚେତନ ସୃଷ୍ଟି କରିବାଲାଗି ଉଦ୍ଦିଷ୍ଟ । ଅଶ୍ଳୀଳ କହି ଏହାର ତାତ୍ପର୍ଯ୍ୟ ଓ ସାମାଜିକ ପ୍ରାସଙ୍ଗିକତାକୁ ମୂଲ୍ୟହୀନ କହିବା ଅଯୁକ୍ତିକ ।' ପ୍ରାଚୀନ ଡାହୁକ ବୋଲି ଗୁଡ଼ିକ କୌଣସି ସାଧାରଣ ବ୍ୟକ୍ତିଙ୍କ ରଚନା ନଥିଲା । ତାହାଥିଲା ବୌଦ୍ଧ ସିଦ୍ଧସାଧକ ହାଡ଼ିପ୍ପାଙ୍କର ରଚନା । ହାଡ଼ିପ୍ପାଙ୍କ ଏହି ବଚନିକା ସମ୍ଭବତଃ ବୌଦ୍ଧଧର୍ମର ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ପ୍ରଚଳିତ । ବୌଦ୍ଧଧର୍ମର ପ୍ରତ୍ୟେକ କାର୍ଯ୍ୟକୁ ବୁଦ୍ଧଙ୍କ ପରେ ତନ୍ତ୍ରଶାସ୍ତ୍ର ପ୍ରଭାବିତ କରିଥିବା ଏକ ସୁବିଦିତ ପ୍ରସଙ୍ଗ । ଡାହୁକ ବୋଲି ଗୁଡ଼ିକ ହେଉଛି ଚର୍ଯ୍ୟାଗୀତି ପର୍ଯ୍ୟାୟର । ଓଡ଼ିଆ ଭାଷାର ଆଦ୍ୟ ନିଦର୍ଶନ ରୂପେ ସ୍ୱୀକୃତ ଏହି ଚର୍ଯ୍ୟାଗୀତି ଗୁଡ଼ିକ ମୂଳତଃ ଦ୍ୱିଅର୍ଥବୋଧକ ଓ ସଂଧ୍ୟାଭାଷା ଥିଲା । ଏଥିରୁ ଗୋଟିଏ ଆଧ୍ୟାତ୍ମିକ ଓ ଅନ୍ୟଟି ଅର୍ଥଭୌତିକ । ଭୌତିକ ବାହ୍ୟାର୍ଥରେ ଏହା ପ୍ରଣୟଲୀଳାପ୍ରବଣ ମାଧୁର୍ଯ୍ୟର ସ୍ୱର ଦ୍ୟୋତକ ଏବଂ ଆଧ୍ୟାତ୍ମିକ ଆଭ୍ୟନ୍ତରୀଣ ଅର୍ଥରେ ସାଧନାତତ୍ତ୍ୱ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱବୋଧକ । ଐତିହାସିକ ତଥ୍ୟରୁ ଜଣାଯାଏ ଯେ ବର୍ତ୍ତମାନ ଯାହା ବଡ଼ଦାଣ୍ଡ ଏକଦା ତାହାର ମଝିରେ ମାଳିନୀ ନାମରେ ଏକ ନଦୀ ପ୍ରବାହିତ ହେଉଥିଲା । ରଥ ଟାଣିବା ପାଇଁ କଳାବେଠିଆ ମାନେ ନିଯୁକ୍ତ ହେଉଥିଲେ । ହାତୀଙ୍କୁ ରଥ ଠେଲିବା କାମରେ ଲଗାଯାଉଥିଲା । ଏହି କଳାବେଠିଆ ମାନଙ୍କୁ ଉତ୍ସାହିତ କରି ରଥଟଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପ୍ରୟୋଜନରୁ ଡାହୁକ ବୋଲି ପରମ୍ପରାର ଉତ୍ପତ୍ତି ହୋଇଥାଇପାରେ ବୋଲି 'ପୁରୀ ବୋଲି'ରେ ଉଲ୍ଲେଖ ଅଛି । ଓଡ଼ିଆ ଅସ୍ମିତା ବା ଓଡ଼ିଆ ଆତ୍ମପିରିଚିତ ବିଷୟରେ ଚିନ୍ତା କରୁଥିବା ଅନେକ ଏବେ ବି ଅନୁଭବ କରନ୍ତି ଯେ ପ୍ରାଚୀନ ଡାହୁକ ବୋଲି ପଛରେ ଗୁଢ଼ତତ୍ତ୍ୱ ଓ ଦାର୍ଶନିକତା ନିହିତ ରହିଛି ।

**'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**
E-mail : narayanbiswal001@gmail.com

■ ମୁଖ୍ୟ ପ୍ରସଙ୍ଗ



# ଯଥା ଦେହେ ତଥା ଦେବେ

ହରିଶଙ୍କର ମିଶ୍ର

**‘ବର୍ଷାଣାଂ ଭାରତ ଶ୍ରେଷ୍ଠ ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମ ଦେଶ ଦେଶ ନାସ୍ତି ମହୀତଳେ’
ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଲେଖନୀରେ
‘ଜଗତ ସରସେ ଭାରତ କମଳ
ତା’ ମଧ୍ୟେ କେଶର ପୁଣ୍ୟ ନୀଳାଚଳ’**

ସେଇ ଭକ୍ତବତ୍ସଳ ଠାକୁର ଭକ୍ତଙ୍କ ଦର୍ଶନ ପାଇଁ ରତ୍ନ ସିଂହାସନ ଛାଡି ବଡ଼ଦାଣ୍ଡରେ ଏବଂ ଶ୍ରୀଗୁଣ୍ଡିଚା ଘରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଆମର ଅନେକ ପୋଥି ପୁରାଣ ଆଦିରେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ବିଗ୍ରହଙ୍କର ସୃଷ୍ଟି ସ୍ଥିତି ବିଭୂତି ସମ୍ପର୍କରେ ଅନେକ ବର୍ଣ୍ଣନା ରହିଛି । ଅନେକ ପୂଣ୍ୟାତ୍ମା ସାଧୁସନ୍ଥ ମହାପୁରୁଷମାନେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି । କିନ୍ତୁ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଦର୍ଶନ ପରେ ସେମାନେ ପୁରୀରେ ହିଁ ରହିଯାଇଛନ୍ତି । ଏହି କ୍ଷେତ୍ରକୁ ବିଷ୍ଣୁଙ୍କର ଭୋଜନ କ୍ଷେତ୍ର ଭାବେ ଅଭିହିତ କରାଯାଏ । ଆଦି ଶଙ୍କରାଚାର୍ଯ୍ୟ ଭାରତରେ ପ୍ରତିଷ୍ଠା କରିଥିବା ଚାରିଗୋଟି ପୀଠ ମଧ୍ୟରୁ ଏଠାରେ ମଧ୍ୟ ଏକ ପୀଠ ରହିଅଛି । ତାହା ଗୋବର୍ଦ୍ଧନ ପୀଠ ଭାବରେ ପ୍ରସିଦ୍ଧ ହୋଇଛି ।

ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତି, ଶ୍ରୀମନ୍ଦିର, ପୁରୀର ବିଭିନ୍ନ ମଠ, ଯାଗା, ଆଖଡା, ସାହି ଆଦିକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ନାମରେ ଯେତେ ପ୍ରଚାର ବା ଆତ୍ମପ୍ରଚାର ହେଉଛି ତନ୍ମଧ୍ୟରୁ ଅନେକ ମନଗଢା ଓ କପୋଳକଳ୍ପିତ ମନେହୁଏ । କାରଣ କିଛି ପ୍ରଚାରିତ ତଥ୍ୟ ରେ କୌଣସି ଐତିହାସିକ ବା ପ୍ରାମାଣିକ ସ୍ୱୀକୃତି ନଥିବାବେଳେ କେବଳ ଶ୍ରୁତି ମଧୁର ସଂଳାପ ହିଁ ରହୁଛି ଏବଂ ଏହି ତଥ୍ୟରେ ଅନେକ ପାରସ୍ପରିକ ତଥ୍ୟଗତ ଅସାମଞ୍ଜସ୍ୟ ରହୁଥିବା ଦେଖାଯାଏ । କିନ୍ତୁ ଏହା ସ୍ୱୀକାର ଯୋଗ୍ୟ ଯେ ଦାର୍ଢ୍ୟତାଭକ୍ତିରେ ସନ୍ନିବେଶିତ ହୋଇଥିବା ଚରିତ୍ର ଯଥା ବନ୍ଧୁ ମହାନ୍ତି, ଦାସିଆ ବାଉରୀ, ସାଲବେଗ, ସାରିଆ ଭିକ ଆଦିଙ୍କ ମଧ୍ୟରେ କୌଣସି ଜ୍ଞାନୀ ବା ଉଚ୍ଚ ସମ୍ମାନ ଯୋଗ୍ୟ ବ୍ୟକ୍ତି ନଥିଲେ । କିନ୍ତୁ ସେମାନଙ୍କର ଭକ୍ତି ଓ ସମର୍ପିତ ଭାବ ହିଁ ତାଙ୍କୁ କାଳଜୟୀ କରାଇଛି । ତେଣୁ ଏହା ସତ୍ୟ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି କେବଳ ଭାବର ଠାକୁର । ଯିଏ ଯେଉଁ ଭାବନାରେ ତାଙ୍କର ଶରଣାପନ୍ନ ହୁଏ ସେ ସେପରି ଫଳ ପାଇଥାଏ । ସେଥିପାଇଁ ତାଙ୍କୁ ଭାବଗ୍ରାହୀ ମଧ୍ୟ କୁହାଯାଏ । ଶ୍ରୀଜଗନ୍ନାଥ ହେଉଛନ୍ତି ସମର୍ପଣର ଠାକୁର । ମହାଭାରତର କୁରୁସଭା ଦ୍ରୌପଦୀଙ୍କୁ ଦୁଃଶାସନ ବିବସନା କଲାବେଳେ ତାଙ୍କର ଆତୁର ନିବେଦନ ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣଙ୍କୁ ପ୍ରଭାବିତ କରିପାରି ନଥିଲା । ଯେତେବେଳେ ସେ ଦୁଇହାତକୁ ଟେକିଦେଇ ସମ୍ପୂର୍ଣ୍ଣ ସମର୍ପିତ ହୋଇଗଲେ ସେତେବେଳେ ଶ୍ରୀକୃଷ୍ଣ ତାଙ୍କର ଲଜ୍ଜ୍ୟା ନିବାରଣ କରିଥିଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ଜୀବନ୍ତ ଠାକୁର । ତାଙ୍କ ପାଖରେ ସମର୍ପଣ ଭାବରେ ନିବେଦନ କେବେ ବି ନିଷ୍ଫଳ ହୁଏନାହିଁ । ସେ ଗାଳି ସହବେ ମାତ୍ର ଗର୍ବ ସହବେ ନାହିଁ । ସେଥିପାଇଁ ନୀଳଚକ୍ରରେ ଉଡୁଥିବା ପତିତପାବନ ବାନାର ଅନ୍ୟନାମ ଗର୍ବଗଞ୍ଜନ ବାନା ।

**ପୂଣ୍ୟଭୂମି ଉତ୍କଳ, ଯାହାର ପାଦଧୌତ କରନ୍ତି କ୍ରୀଷ୍ଣା ଏବଂ ଚିବୁକ ସ୍ପର୍ଶ କରନ୍ତି ପରମପାବନୀ ଗଙ୍ଗା ସେହି ଉତ୍କଳ ଏକ ଉତ୍କର୍ଷ କଳା ସ୍ଥାପତ୍ୟ ଓ ଦେବଭୂମିର ରାଜ୍ୟ ଯେଉଁଠି ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ବିଗ୍ରହ ଦାରୁ ମୂର୍ତ୍ତି ଭାବରେ ପୂଜିତ ହୁଅନ୍ତି । ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ରତ୍ନସିଂହାସନରେ ଉପବିଷ୍ଟ ହୋଇଥିବା ଶ୍ରୀଜଗନ୍ନାଥ ଶୈବ, ସେ ଶାକ୍ତ, ସେ ବୈଷ୍ଣବ, ସେ ଶକ୍ତି, ଯିଏ ଯେଉଁ ରୂପରେ ତାଙ୍କୁ ଚିନ୍ତା କରେ ସେ ସେଇ ରୂପରେ ପ୍ରକଟିତ ହୋଇଥିବାର ଅନେକ ପ୍ରାମାଣିକ ତଥ୍ୟ ରହିଛି । ତାଙ୍କର ବାର ମାସରେ ତେର ପର୍ବ । ଦୋଳବେଦୀରେ ସେ ଦୋଳଗୋବିନ୍ଦ ଚନ୍ଦନ ଚାପରେ ମଧୁସୂଦନ, ଆଉ ରଥାରୂଢ଼ ବେଳେ ବାମନ । କିନ୍ତୁ ସ୍ନାନ ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ସ୍ୱୟଂ ଦାରୁ ବିଗ୍ରହ ଲୀଳା କରୁଥିବାରୁ ତା’ର ସ୍ୱତନ୍ତ୍ରତା ରହିଛି । ଶ୍ରୀଗୁଣ୍ଡିଚା ଯାତ୍ରାକୁ କେହି ଘୋଷଯାତ୍ରା କେହି ପତିତପାବନ ଯାତ୍ରା ମଧ୍ୟ କହିଥାନ୍ତି । ଯେଉଁମାନେ ବୃଦ୍ଧ , ଶାରିରୀକ ଅକ୍ଷମ ବା ବିଧର୍ମୀ ଯୋଗୁଁ ଶ୍ରୀମନ୍ଦିରରେ ରତ୍ନ ସିଂହାସନରେ ଶ୍ରୀଜୀଉମାନଙ୍କର ଦର୍ଶନରୁ ବଞ୍ଚିତ ହୋଇଥାନ୍ତି ସେମାନେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କଲେ ସେମାନଙ୍କର ପୁନର୍ଜନ୍ମ ହୋଇ ନଥାଏ ବୋଲି ବାକ୍ୟ ରହିଛି ।**

**‘ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୁଦନମ୍
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ୍ୱିଦ୍ୟତେ’**



ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ପୁରାଣ ଆଦି ରଚିତ ହୋଇଥିଲେ ବି, ତାଙ୍କ ସମ୍ପର୍କରେ ଯେତେ ତାତ୍ତ୍ୱିକ ଆଲୋଚନା କଲେ ବି ସେ ହେଉଛନ୍ତି ଗଣଦେବତା । ତାଙ୍କର ଅଦୃଶ୍ୟ ନିର୍ଦ୍ଦେଶ ହିଁ ଆମପାଇଁ ପଥ ପ୍ରଦର୍ଶକ । ଉତ୍କଳମଣି ମଧ୍ୟ ଯଥାର୍ଥରେ କହିଥିଲେ ‘ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ ଉତ୍କଳର ନେତା ସ୍ୱୟଂ ନାରାୟଣ’ । ଯେଉଁ ଠାକୁର ନିଜ ରାଜ୍ୟର ସମ୍ମାନ ପାଇଁ କଳା ଧଳା ଘୋଡ଼ାରେ ଯୁଦ୍ଧ କ୍ଷେତ୍ରକୁ ଯାଇପାରନ୍ତି ସେ ନିଶ୍ଚିତ ଜୀବନ୍ତ ଓ ମାନବୀୟ ଲୀଳା ପାଇଁ ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ ହୋଇଛନ୍ତି ଏହାକୁ ଅସ୍ୱୀକାର କରାଯାଇପାରେନା । ସେ ଆମ ପାଇଁ ମୁରବୀ । କୌଣସି ଶୁଭ କାର୍ଯ୍ୟରେ ଆମେ ତାଙ୍କୁ ପ୍ରଥମେ ନିମନ୍ତ୍ରଣ କରିବାସହ କୌଣସି ନୈମିତ୍ତିକ ପୂଜା, ବିବାହ ବା ବ୍ରତ ଘର କାର୍ଯ୍ୟରେ ତାଙ୍କୁ ହିଁ ପ୍ରଥମେ ସ୍ଥାପନା କରିଥାଉ । କଥାରେ ଅଛି ‘ଯଥା ଦେହେ ତଥା ଦେବେ ।’ ଅର୍ଥାତ୍ ମନୁଷ୍ୟ ଶରୀର ସଂସାର ଏବଂ ଶ୍ରୀଜୀଉଙ୍କ ଶରୀର ଓ ସଂସାର ମଧ୍ୟରେ କୌଣସି ତାରତମ୍ୟ ନାହିଁ । ଏହା ହିଁ ଶ୍ରୀଜୀଉମାନେ ପ୍ରକାରାନ୍ତରେ ସୂଚନା ଦେବାସହ ଏହା ମଧ୍ୟ ତାଙ୍କର ନିତ୍ୟ ସେବାପୂଜାରେ ପ୍ରତିଫଳିତ ହୋଇଥାଏ । ମନୁଷ୍ୟ ଜୀବଦ୍ଦଶାରେ ଜରା, ବ୍ୟାଧି, ଭୟ, ମୃତ୍ୟୁ ଥିବା ପରି ସେ ମଧ୍ୟ ସେଇ ଅବସ୍ଥାର ସମ୍ମୁଖୀନ ହୋଇଥାନ୍ତି । ସେ ପୁଅ ଭାବରେ ଯଥାକ୍ରମେ ଦଶରଥ କୌଶଲ୍ୟା, ବସୁଦେବ ଦେବକୀ ଏବଂ ନିର୍ବଂଶ ବର ମାଗିଥିବା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କ ପାଇଁ ବାର୍ଷିକ ଶ୍ରାଦ୍ଧ କରିଥାନ୍ତି, ସେ ସୁଖ ପ୍ରସବ ପାଇଁ ଜୀଉନ୍ତି ଭୋଗ ଖାଆନ୍ତି । ସେ ବଣଭୋଜି କରନ୍ତି ଏବଂ ତାଙ୍କର ପ୍ରତ୍ୟେକ ନିତିକ୍ରାନ୍ତିରେ ମାନବୀୟ ଲୀଳା ପରିସ୍ଫୁଟ ହୋଇଥାଏ । କେହି ଯଦି ଗଭୀର ଭାବରେ ଅନୁଧ୍ୟାନ କରେ ସେ ନିଶ୍ଚିତ ହେବ ଯେ ନବକଳେବର ପରେ ଶ୍ରୀଜୀଉମାନଙ୍କର ଶରୀର ପରବର୍ତ୍ତୀ ନବକଳେବର ବେଳକୁ ନିଶ୍ଚିତ ସ୍ଥୁଳ ହୋଇଥାଏ । ତେଣୁ ଜରା ମୃତ୍ୟୁ ସହ ତାଙ୍କୁ ବ୍ୟାଧି ହୁଏ ଏବଂ ତାଙ୍କର ଭୟ ମଧ୍ୟ ରହିଛି । ଆମେ ଯଦି ଭୁବନ୍ୱିଦିତ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପର୍କରେ ଗଭୀର ଭାବରେ ପର୍ଯ୍ୟାଲୋଚନା କରିବା ଆମେ ପ୍ରତ୍ୟେକ କ୍ଷେତ୍ରରେ ତାହା ନିଶ୍ଚିତ ଉପଲବ୍ଧି କରିପାରିବା ।

ଦାରୁଣ ଗ୍ରୀଷ୍ମ ପ୍ରବାହରୁ ବିରତି ପାଇଁ ସେ ୨୧ ଦିନ ନରେନ୍ଦ୍ର ପୋଖରୀ ଏବଂ ୨୧ ଦିନ ଶ୍ରୀମନ୍ଦିରରେ ଜଳକ୍ରୀଡା କରନ୍ତି । ଦେବସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଏବଂ କିଛି ନଖାଇ ଥିବାରୁ ଜ୍ୱରରେ ପୀଡ଼ିତ ହୋଇଥାଆନ୍ତି । ଆମେ ମଧ୍ୟ ଗ୍ରୀଷ୍ମ ପ୍ରବାହରେ ଅତ୍ୟଧିକ ସ୍ନାନ କଲେ ଜ୍ୱରାକ୍ରାନ୍ତ ହୋଇଥାଉ । ଯେପରି ଜ୍ୱର ଆକ୍ରାନ୍ତ ହେଲେ ଗୋଟିଏ ଘରେ









ରହିଥାଉ ସେ ମଧ୍ୟ ଅନବସର ବା ଅଣସର ଘରେ ନିରୋଳାରେ ନିସ୍ତବ୍ଧତା ମଧ୍ୟରେ ରହିଥାନ୍ତି। ଜ୍ୱର ହେଲେ ଆମକୁ ସାଧାରଣ ଖାଦ୍ୟ ଅରୁଚି କର ବା ଶରୀର ପ୍ରତି ବିଷମ ହେବାପରି ସେ ମଧ୍ୟ ଅନ୍ନବ୍ୟଞ୍ଜନାଦି ପରିବର୍ତ୍ତେ ପଣା ପାଣି ଚକଟା ଆଦି ଲଘୁପାକ ଖାଦ୍ୟ ଗ୍ରହଣ କରନ୍ତି। ଶରୀର ଅସୁସ୍ଥ ବେଳେ କୌଣସି ବାଦ୍ୟ ଶବ୍ଦ ବା ନୃତ୍ୟ ଗୀତ ଆମକୁ ବିଷ ତୁଲ୍ୟ ଲାଗିବା ପରି ସେତେବେଳେ ମଧ୍ୟ ଶ୍ରୀମନ୍ଦିରରେ ବାଦ୍ୟ ବାଦନ ନିଷିଦ୍ଧ ଥାଏ। କୌଣସି ରଙ୍ଗୀନ ଫୁଲର ବା ବସ୍ତ୍ର ସେ ପିନ୍ଧନ୍ତି ନାହିଁ। ସେଇ ଅଣସର ଘରେ କୌଣସି ଆଲୋକ ମଧ୍ୟ ଜଳେ ନାହିଁ। ସେ ପାଚନ ଖାଆନ୍ତି ରାଜବୈଦ୍ୟ ତାଙ୍କୁ ଔଷଧ (ଓଷ) ଦିଅନ୍ତି। ଆୟୁର୍ବେଦ ପଦ୍ଧତିରେ ତିଆରି ହୋଇଥିବା ତେଲ (ଫୁଲୁରି ତେଲ) ତାଙ୍କ ଶରୀରର ପୀଡା ଲାଘବ ପାଇଁ ମାଲିସ କରାଯାଏ। ସେ ସୁସ୍ଥ ଅନୁଭବ କରନ୍ତି। ଆମେ ଶରୀର ଅସୁସ୍ଥରୁ ଆରୋଗ୍ୟ ପରେ ଯେପରି ପରିଷ୍କାର ଲୁଗା ପିନ୍ଧି ଶାରିରୀକ ଦୁର୍ବଳତା ଯୋଗୁଁ ପ୍ରଥମେ ଘରେ ବସିଥାଉ ଏବଂ ଆମର ଶୁଭେଚ୍ଛୁମାନେ ଆମକୁ ଦେଖା କରିବାକୁ ଆସନ୍ତି ତାହାହିଁ ଶ୍ରୀଜୀଉମାନଙ୍କର ନବଯୌବନ ଦର୍ଶନ ଭାବରେ ବିବେଚିତ ହୁଏ। ଭକ୍ତ ବତ୍ସଳ ମହାପ୍ରଭୁ ଦୀର୍ଘ ଦିନରୁ ଭକ୍ତଙ୍କୁ ସାକ୍ଷାତ କରିନଥିବାରୁ ମନ୍ଦିର ତ୍ୟାଗ କରି ଭକ୍ତମାନଙ୍କ ଗହଣରେ ନଗର ପରିକ୍ରମା କରି ଜନ୍ମବେଦୀ ବା ଗୁଣ୍ଡିଚା ଘରକୁ ଯାଇଥାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ମହାପ୍ରଭୁ ଗୁଣ୍ଡିଚା ରାଣୀଙ୍କୁ ବଚନ ଦେଇଥିଲେ ବର୍ଷକରେ ଥରେ ଜନ୍ମବେଦୀକୁ ଆସିବେ। ସାମାଜିକ ଚେତନାରେ ସେ ଜଣାଇ ଦେଇଥାନ୍ତି ଯେ ଯେଉଁଠି ଥିଲେବି ବର୍ଷକ ମଧ୍ୟରେ ଥରେ ବି ଜନ୍ମସ୍ଥାନକୁ ଯିବା ଉଚିତ। ଏଠାରେ ଆଉ ଗୋଟାଏ ସୂଚନା ମିଳିଥାଏ ଯେ ଭଉଣୀର ସୁରକ୍ଷା ଭାଇ ଉପରେ ନ୍ୟସ୍ତ ଥାଏ। ସେଥିପାଇଁ ସେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାବେଳେ ଆଗରେ ବଡ଼ଭାଇ ପଥ ପ୍ରଦର୍ଶକ ଭାବରେ ଓ ପଛରେ ସ୍ୱୟଂ ଶ୍ରୀଜଗନ୍ନାଥ ରହି ମଝିରେ ଭଉଣୀ ସୁଭଦ୍ରାଙ୍କୁ ରଖିଥାନ୍ତି।



ଏହାପରେ ଆସେ ସଂସାର ଚଳଣୀର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଭାଇ ଭଉଣୀଙ୍କୁ ସଙ୍ଗରେ ନେଇ ମହାପ୍ରଭୁ ଯାଇଥିବାରୁ ପତ୍ନୀ ଲକ୍ଷ୍ମୀ ରାଗରେ ଜରଜର ହୁଅନ୍ତି। ଆମ ସାମାଜିକ ଚଳଣୀରେ ମଧ୍ୟ ଏହି ଆଚରଣ ଦେଖାଯାଏ। ସେ ଅପେକ୍ଷା କରି ଶ୍ରୀଗୁଣ୍ଡିଚା ଯାତ୍ରାର ପଞ୍ଚମ ଦିନ (ହେରାପଞ୍ଚମୀ) ଯାଇ ଗୁଣ୍ଡିଚା ଘରେ ପହଞ୍ଚିଥାନ୍ତି। ରାଗରେ ପ୍ରଥମେ ସେ ଶ୍ରୀଜଗନ୍ନାଥଙ୍କ ରଥର ଗୋଟିଏ ଅଂଶକୁ ଭାଙ୍ଗି ଦେଇଥାନ୍ତି। ତାଙ୍କର ଉପସ୍ଥିତି ଯୋଗୁଁ ସିଂହାସନରେ ଦେଢଶୁର ଶ୍ରୀବଳଭଦ୍ରଙ୍କ ସମ୍ମୁଖରେ ଥିବା କବାଟ ଆଉଜେଇ ଦିଆଯାଏ। ଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥ ମଧ୍ୟରେ ସାକ୍ଷାତକାର ପରେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ନପାରି ପୂର୍ବ ପ୍ରସ୍ତୁତି ମତେ ସଙ୍ଗରେ ବିମଳାଙ୍କ ମନ୍ଦିରରେ ଅଭିମନ୍ତ୍ରିତ କରାଇ ନେଇଥିବା ମୋହଚୂର୍ଣ୍ଣକୁ ମହାପ୍ରଭୁଙ୍କ ଉପରେ ନିକ୍ଷେପ କରି ପୁନଶ୍ଚ କ୍ରୋଧ ଜର୍ଜରିତ ହୋଇ ଫେରିବାବେଳେ ନିଜ ନାକଚଣାଟିକୁ ହଜାଇ ଦିଅନ୍ତି। ବହୁ ଖୋଜାଖୋଜି ପରେ ତାକୁ ପାଇ ବିନା ବାଜା ବା ଆଲୋକରେ ବଡ଼ଦାଣ୍ଡ ପରିବର୍ତ୍ତେ ହେରା ଗୋହିରୀ ସାହୀ ବାଟରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏଠାରେ ସ୍ତ୍ରୀ ମାନଙ୍କର ମାନସିକତାରେ ସ୍ୱାମୀଙ୍କୁ କରାୟତର ସକଳ ପ୍ରଚେଷ୍ଟା ଏପରିକି ଗୁଣିଗାରେଡି ପ୍ରୟୋଗ ମଧ୍ୟ ଆମ ସାମାଜିକ ଚଳଣୀରେ ଦେଖାଯାଏ। ନାରୀଟିଏ ରାଗିଗଲେ ଯେପରି ଭୁଲ କରେ ତାହା ନାକଚଣା ହଜାଇବାରେ ନିଖୁଣ ଭାବରେ ପ୍ରତିପାଦିତ ହେବାସହ କାର୍ଯ୍ୟରେ ସଫଳ ନହେଲେ ଅପମାନରେ ନିଜେ କିପରି ଆତ୍ମଗୋପନ କରନ୍ତି ତାର ନିଛକ ବାର୍ତ୍ତା ମିଳିଥାଏ। ଅପରପକ୍ଷରେ ପତ୍ନୀଙ୍କ ଭାଗକୁ ହୃଦୟଙ୍ଗମ କରି ମହାପ୍ରଭୁ ତା'ପରଦିନ ଶ୍ରୀମନ୍ଦିର ଫେରିବା ଉଦ୍ଦେଶ୍ୟରେ ରଥକୁ ଦକ୍ଷିଣ ମୋଡ କରିବାକୁ ଆଦେଶ ଦେଇଥାନ୍ତି। ତେଣୁ ପତ୍ନୀଙ୍କୁ ଭଲ ପାଇବାର ବାର୍ତ୍ତା ସହ ଭୟର ବାର୍ତ୍ତା ରହିଥାଏ।



ଆଷାଢ଼ ଶୁକ୍ଳ ଦଶମୀରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ହୁଏ। ଦଶମୀ ଏକ ପୂର୍ଣ୍ଣତିଥି। ସେଦିନର ଯାତ୍ରା କୌଣସି ଅଘଟଣକୁ ଏଡାଇ ପାରେ। ବାହୁଡ଼ା ଯାତ୍ରାରେ ଶ୍ରୀଜୀଉମାନଙ୍କ ପାଇଁ ବାଟରେ ମାଉସୀ ରଖିଥାନ୍ତି ପୋଡପିଠା। ଏହା ମଧ୍ୟ ଲୌକିକ ଚଳଣିର ଅଂଶବିଶେଷ। ଯେତେବେଳେ ରଥ ଶ୍ରୀମନ୍ଦିର ପାଖାପାଖି ହୋଇଯାଏ ପତ୍ନୀ ଚାହାଣି ମଣ୍ଡପରେ ଥାଇ ଶ୍ରୀଜୀଉଙ୍କୁ ଦେଖନ୍ତି। ନାରୀ ମନର ଆବେଗ ଏଥିରୁ ସ୍ପଷ୍ଟ ହୋଇଥାଏ।

ଶ୍ରୀଜୀଉମାନଙ୍କର ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଏକାଦଶୀ











ଦିନ ରଥ ଉପରେ ଶ୍ରୀଜୀଉମାନଙ୍କର ସୁନା ବେଶ ବା ବଡ଼ତଢାଉ ବେଶ ହୋଇଥାଏ। ପ୍ରକାଶଯୋଗ୍ୟ ଯେ ଶ୍ରୀମନ୍ଦିର ମଧ୍ୟରେ ଶ୍ରୀଜୀଉମାନଙ୍କର ବର୍ଷରେ, ଚାରିଥର ହୋଇଥାଏ। ଯେଉଁମାନେ ଶ୍ରୀମନ୍ଦିର ମଧ୍ୟରେ ତାହା ଦେଖିବାରୁ ବଞ୍ଚିତ ହୋଇଥାନ୍ତି ସମ୍ଭବତଃ ସେଇମାନଙ୍କ ପାଇଁ ଏ ବେଶର ପରିକଳ୍ପନା ହୋଇଥାଇପାରେ। ଏହି ଏକାଦଶୀକୁ ହରିଶୟନ ଏକାଦଶୀ କୁହାଯାଇଥାଏ। ଏହି ଦିନ ଠାରୁ ଚାରିମାସ ପର୍ଯ୍ୟନ୍ତ ହରି ବା ବିଷ୍ଣୁଙ୍କ ଶୟନ ଯୋଗୁଁ କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟ ହୋଇ ନଥାଏ। ରଥରେ ବସି ଶ୍ରୀଜୀଉମାନେ ବାହାରକୁ ଯାଇଥିବାରୁ କୌଣସି ଦୃଷ୍ଟଶକ୍ତି ଭୂତପ୍ରେତ, ପିଶାଚ ଆଦିଙ୍କ ଦୃଷ୍ଟି ଜନିତ କୁପ୍ରଭାବକୁ ପ୍ରତିହତ ଉଦ୍ଦେଶ୍ୟ ରଖି ତା'ପରଦିନ ସେମାନଙ୍କ ସନ୍ତୁଷ୍ଟି ପାଇଁ ଅଧରପଣା ଭୋଗ ହୋଇ ପଣା ହାଣ୍ଡିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଲୌକିକ ମତେ ଆମ ଘରର କୌଣସି ଶିଶୁ ବାହାରକୁ ଗଲେ କାହାର ଦୁଷ୍ଟ ନଜର ଏଡାଇବାକୁ କିଛି ଉପଚାର ଆମ ଚଳଣିରେ ଅଛି। ଶ୍ରୀଜୀଉମାନଙ୍କର ମନ୍ଦିର ପ୍ରବେଶ ବେଳେ ଲକ୍ଷ୍ମୀ ଦୁଆର ପାଖରେ ଥାଇ ଶ୍ରୀ ବଳଭଦ୍ର ଓ ଶ୍ରୀ ସୁଭଦ୍ରା ସିଂହାସନରେ ବସିବା ପରେ ଶ୍ରୀ ଜଗନ୍ନାଥ ଆସିଲାବେଳେ ଦୁଆର ବନ୍ଦ କରିଦିଅନ୍ତି। ଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ବଚନିକା ହୁଏ। ଏହାକୁ ଲକ୍ଷ୍ମୀ ନାରାୟଣ କଳି ବୋଲି କୁହାଯାଏ। ଉଭୟଙ୍କ ପାଇଁ ପ୍ରାଧିକୃତ ସେବକ ଏହାକୁ ସମ୍ପାଦନ କରନ୍ତି। ସ୍ତ୍ରୀକୁ ଛାଡି ତାଙ୍କର ସ୍ୱାମୀ ଭଉଣୀ ଓ ଭାଇଙ୍କ ସଙ୍ଗରେ ଯାଇଥିବାରୁ ଲକ୍ଷ୍ମୀ ରୋଷ କରିଥାଆନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀଜଗନ୍ନାଥ ଅସୀମ ଧର୍ଯ୍ୟ ସହ ତା'ର ସମାଧାନ କରୁଥାନ୍ତି। ଲକ୍ଷ୍ମୀଙ୍କ ମାନଭଞ୍ଜନ ପରେ ଦୁଆର ଖୋଲେ। ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କୁ ରସଗୋଲା କୁଡୁଆ ଦେଇ ସିଂହାସନରେ ବିଜେ ହୁଅନ୍ତି। ପତ୍ନୀଙ୍କ ମାନ ଅଭିମାନରୁ ବର୍ତ୍ତିବାକୁ ଉପହାର ହିଁ ଶ୍ରେଷ୍ଠ ମାଧ୍ୟମ ଏହା ପ୍ରତ୍ୟେକ ଗୃହୀଙ୍କର ଅଙ୍ଗେଲିଭା ଅନୁଭୁତି। ଶ୍ରୀଜୀଉମାନଙ୍କର ଦିନ ଚର୍ଯ୍ୟା ମଧ୍ୟ ଲୌକିକ ମତେ ହୋଇଥାଏ। ତାଙ୍କର ଜନ୍ମଜାତକ ଅନୁଯାୟୀ ପ୍ରତ୍ୟେକ ଦିନର ରାଶିଫଳ ଶୁଣନ୍ତି। କୌଣସି ତାରା ବା ଚନ୍ଦ୍ର ଦୋଷ ନିବାରଣ ପାଇଁ ଦାନ ମଧ୍ୟ ଦେଇଥାନ୍ତି। ଏହା ଅବିଶ୍ୱାସନୀୟ ସତ୍ୟ ଯେ ଯେଉଁଦିନ ଶ୍ରୀଜୀଉଙ୍କର ଚନ୍ଦ୍ର ଓ ତାରା ବା ନକ୍ଷତ୍ର ଜନିତ ଅତିରିକ୍ତ ବା ବିଶେଷ ଦୋଷ ରହିଥାଏ ସେଦିନ ଶ୍ରୀମନ୍ଦିରରେ କିଛି ନାଁ କିଛି ଅଘଟଣ ଘଟିଥାଏ। ଶ୍ରୀଜୀଉମାନଙ୍କର ଦନ୍ତଧାବନ ସ୍ନାନ ଆଦି ଲୌକିକ ମତେ କିନ୍ତୁ ପ୍ରତୀକାତ୍ମକ ଭାବରେ ହୋଇଥାଏ । ତାଙ୍କର ପ୍ରତ୍ୟେକ ଭୋଗରେ ମଧ୍ୟ ସୁସ୍ଥ ଶରୀର ପାଇଁ ଆବଶ୍ୟକୀୟ ଖାଦ୍ୟର ବ୍ୟବସ୍ଥା ହୋଇଥାଏ । ଏତଦ୍ ବ୍ୟତୀତ ଶ୍ରୀଜୀଉମାନେ ହେଉଛନ୍ତି ସାମ୍ୟବାଦର ପଥ ପ୍ରଦର୍ଶକ। ତାଙ୍କ ପାଖରେ ଉଚ୍ଚନୀଚ ଭେଦଭାବ ନଥାଏ। ଶ୍ରୀଗୁଣ୍ଡିଚାର ଗଜପତିଙ୍କର ସମାର୍ଜନୀ ସେବା ତା'ର ଶ୍ରେଷ୍ଠ ନିଦର୍ଶନ।

ଧାର୍ମିକ ଚିନ୍ତାରେ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରାର ଗୁରୁତ୍ୱ ରହିଛି। ପ୍ରତ୍ୟେକ ରଥର ଚକ, ସାରଥୀ, ଓଲଟଶୁଆ, ଦଉଡ଼ିର ନାମ ରହିଛି। ତିନି ରଥର ଦଉଡ଼ି ଯଥାକ୍ରମେ ସ୍ୱର୍ଣ୍ଣଚୁଡ, ଶଙ୍ଖଚୁଡ ଓ ବାସୁକୀ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ଯାହାହେଲେ ବି ଶ୍ରୀଜୀଉମାନେ ଆମର ଇଷ୍ଟ ବନ୍ଧୁ, ସଖା ସହୋଦର ଭାବରେ ଅନେକ କବିଙ୍କର ରଚନାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେବ ଯେ ଯୁଗେ ଯୁଗେ ଆମର ସାମାଜିକ ଚଳଣି ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। ଆଜିର ସେଇ ପୂଣ୍ୟ ତିଥିରେ ଆମେ ଆସନ୍ତୁ ସେଇ ବିଶ୍ୱ ନିୟନ୍ତାଙ୍କ ପାଖରେ ଏତିକି କହିବା-

**ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟାଃ**
**ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମା କଶ୍ଚିଦ ଦୁଃଖ ଭାଗଭବେତ।**

୧୧୩- ଗୁଣ୍ଡିଚା ବିହାର ପୁରୀ -୨
ମୋବାଇଲ - ୭୯୭୮୭୮୫୪୭୮



## ଫ୍ୟାସନ

# ବଡିକନ୍ ମ୍ୟାକ୍ସି ଡ୍ରେସ୍

*ପାର୍ଟିରେ ଯଦି ସ୍ୱତନ୍ତ୍ର ଦେଖାଯିବାକୁ ଚାହୁଁଛନ୍ତି ତେବେ ଏହି ବଡିକନ୍ ମ୍ୟାକ୍ସି ଡ୍ରେସ୍ ଟ୍ରାଏ କରନ୍ତୁ । ଅନେକ ଷ୍ଟାଇଲ୍ ବର୍ତ୍ତମାନ ଟ୍ରେଣ୍ଡରେ ରହିଛି । ଏହି ବଡିକନ୍ ମ୍ୟାକ୍ସି ଡ୍ରେସ୍‌କୁ ପାର୍ଟି ପାଇଁ ପିନ୍ଧିଲେ ଆପଣଙ୍କ ଷ୍ଟାଇଲ୍ ପାଇଁ ଏହା ବେଷ୍ଟ ଅପ୍‌ସନ ହୋଇପାରେ । ବଜାରରେ ଆପଣଙ୍କୁ ପାର୍ଟିରେ ପିନ୍ଧିବା ପାଇଁ କେତେ ପ୍ରକାରର ଆଉଟ୍‌ଫିଟ୍ ମିଳିଯିବ କିନ୍ତୁ ଯଦି ନୂଆ ଲୁକ୍ ପାଇବା ପାଇଁ ଚାହୁଛନ୍ତି ତେବେ ବଡିକନ୍ ମ୍ୟାକ୍ସି ସହିତ ହିଲ୍ସ ଓ କୁଣ୍ଡଲ୍ ପିନ୍ଧି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦିଅନ୍ତୁ । ସାଙ୍ଗମାନଙ୍କ ସହିତ କୌଣସି ପାର୍ଟିରେ ଯୋଗ ଦେବାକୁ ଯାଉଛନ୍ତି ଯଦି ତେବେ ଏହି ବଡିକନ୍ ମ୍ୟାକ୍ସି ଡ୍ରେସ୍‌ରେ ଆପଣ ଅଲଗା ଲୁକ୍‌ରେ ନଜର ଆସିବେ । ବଡିକନ୍ ମ୍ୟାକ୍ସି ଡ୍ରେସ୍ ବିଭିନ୍ନ ଡିଜାଇନ୍‌ର ବଜାରରେ ଉପଲବ୍ଧ ।*





### ଭେଲ୍‌ଭେଟ୍ ବଡିକନ୍ ମ୍ୟାକ୍ସି ଡ୍ରେସ୍

ଭେଲ୍‌ଭେଟ୍ ବଡିକନ୍ ମ୍ୟାକ୍ସି ଡ୍ରେସ୍ ସମସ୍ତେ ପସନ୍ଦ କରନ୍ତି । ଏହାର ଫିଟିଂ ଖୁବ୍ ଭଲ ହୋଇଥାଏ । ତେବେ ଏହି ଡ୍ରେସ୍ ଆପଣଙ୍କୁ ଏକ ଭଲ ବଡି ଶେପ୍ ଦେବ । ଏହି ପ୍ରକାରର ଡ୍ରେସ୍‌ରେ ଷ୍ଟାଇଲିସ୍ ଦେଖାଯିବା ସହିତ ଲୁକ୍ ମଧ୍ୟ ଭିନ୍ନ ହୋଇଥାଏ । ଏହି ଡ୍ରେସ୍ ହଲ୍ଟର ନେକ୍ ଡିଜାଇନ୍ ଏବଂ ଭେଲ୍‌ଭେଟ୍‌ରେ ପ୍ରସ୍ତୁତ ହୋଇଥାଏ । ଆପଣ ଏହି ଡ୍ରେସ୍‌ରେ ହିଲ୍ ପିନ୍ଧିବା ସହିତ ଇୟର ରିଂ ପିନ୍ଧିପାରିବେ । ଏହା ଆପଣଙ୍କୁ ନିଆରା ଲୁକ୍ ଦେବ ।

### ସ୍ଲିଭଲେସ୍ ବଡିକନ୍ ମ୍ୟାକ୍ସି ପାର୍ଟି ଡ୍ରେସ୍

ଯଦି ଆପଣ ଏକ ନୂଆ ଲୁକ୍ ଚାହୁଁଛନ୍ତି ତେବେ ଏହି ସ୍ଲିଭଲେସ୍ ବଡିକନ୍ ମ୍ୟାକ୍ସି ଡ୍ରେସ୍ ଟ୍ରାଏ କରନ୍ତୁ । ଏଥିରେ ଷ୍ଟାଇଲିସ୍ ଦେଖାଯିବା ସହ ଭିନ୍ନ ଲୁକ୍ ମଧ୍ୟ ପାଇପାରିବେ । ଆପଣ ଏହି ଡ୍ରେସ୍‌ରେ ହିଲ୍ କିମ୍ବା ଫ୍ଲାଟ୍ ଜୋତା ସହିତ ଲମ୍ବା ଇୟର ରିଂ ପେୟାର୍ କରିପାରିବେ ।





### ପଫ୍ ସ୍ଲିଭଲେସ୍ ମ୍ୟାକ୍ସି ପାର୍ଟି ଡ୍ରେସ୍

ଏହିପରି ପଫ୍ ସ୍ଲିଭଲେସ୍ ମ୍ୟାକ୍ସି ଡ୍ରେସ୍ ପାର୍ଟିକୁ ପିନ୍ଧି ଯାଇପାରିବେ । ଏହି ଡ୍ରେସ୍‌ର ବିଭିନ୍ନ ପ୍ରକାରର କଲର୍ ରହିଛି । ଏହି ମ୍ୟାକ୍ସି ଡ୍ରେସ୍‌ରେ ଷ୍ଟାଇଲିସ୍ ଦେଖାଯିବା ପାଇଁ ଏହି ଡ୍ରେସ୍ ଅନୁଯାୟୀ ଫୁଟ୍‌ୱିଅର ବାଛିପାରିବେ ।

## ରୋଷେଇ ଘରୁ

# ହ୍ୱାଇଟ୍ ମଟନ୍ କୋରମା



**ଆବଶ୍ୟକ ସାମଗ୍ରୀ:** ମଟନ୍-୫୦୦ଗ୍ରାମ୍, ଗୋଟା ମସଲା (ଡାଲଚିନି, ଗୁଜୁରାତି, ଅଳେଇଚ, ଚକ୍ର ଫୁଲ, ଲବଙ୍ଗ, ତେଜପତ୍ର) ପିଆଜ-୩ଟା, ଅଦା-ରସୁଣ ପେଷ୍ଟ-୨ଚାମଚ, ଦହି-ଅଧା କପ୍, କଞ୍ଚାଲଙ୍କା ଛେଚା-୧ଚାମଚ, ଗୋଲମରିଚ ପାଉଡର୍-୧ଚାମଚ, ଆଲମଣ୍ଡ୍-୧୨/୧୫, କାଜୁ-୧୨/୧୫, ଚାରୁମଗଜ-୧ଚାମଚ, କସୁରୀ ମେଥି, ଫ୍ରେସ୍ କ୍ରିମ୍, ଧନିଆ ପତ୍ର, ତେଲ, ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରଣାଳୀ:** ଗୋଟିଏ ଗିନାରେ ମଟନ୍, ଅଦା-ରସୁଣ ପେଷ୍ଟ, ଦହି, କଞ୍ଚାଲଙ୍କା ପେଷ୍ଟ, ଗୋଲମରିଚ ପାଉଡର୍, ଲୁଣ ଦେଇ ମ୍ୟାରିନେଟ୍ କରି ୨ଘଣ୍ଟା ରଖିବେ । ହ୍ୱାଇଟ୍ ପେଷ୍ଟ ପ୍ରସ୍ତୁତ କରିବା ପାଇଁ ଆଲ୍‌ମଣ୍ଡ, କାଜୁ, ଚାରୁମଗଜରେ ପାଣି ଦେଇ ଗ୍ରାଇଣ୍ଡିଂ କରିନେବେ । ପ୍ରେସର୍ କୁକର୍‌ରେ ତେଲ ଗରମ ହେଲେ ଗୋଟା ମସଲା ସବୁ ଦେଇ କିଛି ସମୟ ପରେ କାଟି ରଖିଥିବା ପିଆଜ ଦେଇ ଭାଜିବେ । ପିଆଜ ଟିକେ ନରମ ହେଇ ଆସିଲେ ଏଥିରେ ମ୍ୟାରିନେଟ୍ କରି ରଖିଥିବା ମଟନ୍‌କୁ ମିଶେଇବେ । ଏଥିରେ ପାଣି ଦେଇ ମିଶେଇବେ ଏବଂ ଧିମା ଆଞ୍ଚରେ ୩୦ରୁ୩୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦେବେ । ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ହ୍ୱାଇଟ୍ ପେଷ୍ଟ, କସୁରୀ ମେଥି ଦେଇ ୫ରୁ୬ ମିନିଟ୍ ପରେ ଏଥିରେ ଫ୍ରେସ୍ କ୍ରିମ୍ ଦେଇ ମିଶେଇ ନେବେ । ଶେଷରେ ଧନିଆ ପତ୍ର ଦେଇ ଏହାକୁ ପରଟା, ନାନ୍, ଜିରା ରାଇସ୍ ସହିତ ଖାଇପାରିବେ ।



## ସାପ୍ତାହିକ ରାଶିଫଳ

ଜୁଲାଇ ୭-୧୩



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି ଅଶାନ୍ତି ବୃଦ୍ଧି । କର୍ମକ୍ଷେତ୍ରରେ ବିଳମ୍ବ ଆଶା ଅସମ୍ପୂର୍ଣ୍ଣ । ପାରିବାରିକ ଜୀବନରେ କଳହ । ଚାକିରିରେ ମଧ୍ୟମ ଫଳ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭ ମଧ୍ୟ ମିଳିବ । ପଢ଼ାପଢ଼ିରେ ଅବହେଳା ହୋଇପାରେ । ପ୍ରତିକାର: ମଙ୍ଗଳବାର ଦିନ ମଙ୍ଗଳାଙ୍କୁ ପୂଜା କରଣୀୟ ।

**ବୃଷ** ସପ୍ତାହଟିରେ ନାନା କାରଣରୁ ଅସନ୍ତୋଷ ଦେଖାଦେବ । ବନ୍ଧନ ଭୟର ଆଶଙ୍କା ରହିଛି । ଦ୍ରବ୍ୟ ନଷ୍ଟ ଯୋଗ । ପାରିବାରିକ ତିକ୍ତତା ହୋଇପାରେ । ଚାକିରିରେ ଅସମ୍ମାନ । ଶିକ୍ଷାରେ ଅବହେଳା ଦେଖାଦେବ । ପ୍ରତିକାର: ପ୍ରତି ଗୁରୁବାର ଦିନ ମା'ଲକ୍ଷ୍ମୀଙ୍କୁ ପୂଜା କରଣୀୟ ।

**ମିଥୁନ** ସପ୍ତାହଟି ଫଳ ଉତ୍ତମ ମଧ୍ୟେ ଆୟ ଅବ୍ୟାହତ ରହିବ । ଦ୍ରବ୍ୟଲାଭ ଯୋଗ । ପ୍ରିୟାପ୍ରୀତି ତୋଷଣ । ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ । ବ୍ୟବସାୟରେ ଲାଭବାନ ହେବେ । ପ୍ରତିକାର: ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ ।

**କର୍କଟ** ସପ୍ତାହଟିରେ ବିଭିନ୍ନ କ୍ଷେତ୍ରରେ ଅର୍ଥକ୍ଷୟ, ନୈରାଶ୍ୟତା, ଭୃତ୍ୟହାନି, ଦ୍ରବ୍ୟ ଅପହୃତ, ରୋଗପୀଡ଼ା ବୃଦ୍ଧି ହେବ । ମାଲିମକଦ୍ଦମାରେ ଜୟଯୁକ୍ତ ହେବେ । ଶିକ୍ଷାରେ ଅବନତି ଦେଖାଦେବ । ପ୍ରତିକାର: ସୋମବାର ଦିନ ଶିବଙ୍କ ମସ୍ତକରେ କ୍ଷୀର ଓ ବେଲପତ୍ର ପ୍ରଦାନ କରଣୀୟ ।

**ସିଂହ** ସପ୍ତାହଟିରେ ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସାଫଲ୍ୟତା ସହ ଉଚ୍ଚସମ୍ମାନ ମିଳିବ । ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବେ । ଅର୍ଥ ଏବଂ ଦ୍ରବ୍ୟଲାଭ ହେବ । ପ୍ରତିକାର: ରବିବାର ଦିନ ସୂର୍ଯ୍ୟନାରାୟଣଙ୍କୁ ନମସ୍କାର କରଣୀୟ ।

**କନ୍ୟା** ସପ୍ତାହଟିରେ ସଙ୍କଟ ଦେଖାଦେବ । ଶିକ୍ଷାରେ ସଫଳତା ମିଳିବ । ପରିବାରରେ ସୁଖ ତଥା ସନ୍ତାନ ଲାଭ । ଚାକିରିରେ ପ୍ରଶଂସିତ ହେବେ । ବ୍ୟବସାୟରେ ଲାଭ କମ । ପ୍ରତିକାର: ବୁଧବାର ଦିନ ଶ୍ରୀଗଣେଶଙ୍କ ସିଦ୍ଧି ବିନାୟକ ମନ୍ତ୍ରପାଠ କରଣୀୟ ।

**ତୁଳା** ସପ୍ତାହଟିରେ କର୍ମକ୍ଷେତ୍ରରେ ଶତ୍ରୁହାନି ଓ ସାଫଲ୍ୟତା ଯୋଗ । ଶିର ରୋଗ ଦେଖାଦେବ । ପାରିବାରିକ ସ୍ୱଚ୍ଛଳତା ଓ ଚାକିରିରେ ପ୍ରାଧାନ୍ୟ ବୃଦ୍ଧି । ବ୍ୟବସାୟରେ ଉତ୍ତମ ଫଳ ମିଳିବ । ପ୍ରତିକାର: ପ୍ରତିଦିନ ମା'ଲକ୍ଷ୍ମୀଙ୍କ ମନ୍ତ୍ରପାଠ କରଣୀୟ ।

**ବିଛା** ସପ୍ତାହଟି କର୍ମକ୍ଷେତ୍ରରେ ବାଦବିବାଦ । ଆୟ ମଧ୍ୟମ ଓ ପାରିବାରିକ ପତ୍ନୀପୀଡ଼ା ଓ ଚାକିରିରେ ଅପଯଶ ହେବେ । ଶିକ୍ଷାରେ ମଧ୍ୟମ ଫଳ । ଖେଳରେ ପ୍ରଶଂସା ମିଳିବ । ପ୍ରତିକାର: ମା'ଦୁର୍ଗାଙ୍କ ପୂଜା କରଣୀୟ ।

**ଧନୁ** ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ । ଆୟ ଭଲ ହେଲେ ମଧ୍ୟ ଅର୍ଥ ସଙ୍କଟ ଲାଗିରହିବ । ବନ୍ଧୁହାନି ଯୋଗ । ପାରିବାରିକ ଅସନ୍ତୋଷ ଦେଖାଦେବ । ଶିକ୍ଷାରେ ଉଚ୍ଚ ଫଳ ଲାଭ ହେବ । ପ୍ରତିକାର: ପ୍ରତିଦିନ ବୃହସ୍ପତି ମନ୍ତ୍ରପାଠ କରଣୀୟ ।

**ମକର** ସପ୍ତାହଟି କର୍ମକ୍ଷେତ୍ରରେ ସୁସ୍ଥତା, ଆୟ ସ୍ୱଚ୍ଛଳ, ସଞ୍ଚୟର ସୂଚନା ମିଳେ । ବନ୍ଧୁ ମିଳନ, ସୁଖସମ୍ମାନ ଲାଭ । ପାରିବାରିକ ଆନନ୍ଦ, ଚାକରିରେ ଚିନ୍ତାଶୂନ୍ୟତା ଓ ବ୍ୟବସାୟରେ ଲାଭ ପାଇବେ । ପ୍ରତିକାର:ଶନିବାର ଦିନ ଶନିଶ୍ଚର ମେଳା କରଣୀୟ ।

**କୁମ୍ଭ** ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି । ଶରୀର ଅସୁସ୍ଥ ରହିବ । କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି ସହ ଶତ୍ରୁ ବୃଦ୍ଧି ଓ ବନ୍ଧନର ଭୟ ରହିଛି । ପରିବାରରେ କୁଟନୀତି ଦେଖାଦେବ । ଚାକିରିରେ ନିନ୍ଦା ହେବ । ପ୍ରତିକାର:ଶନିବାର ଦିନ ଶନିମନ୍ଦିରରେ ବିଧିପୂଜା କରଣୀୟ ।

**ମୀନ** ସପ୍ତାହଟିରେ ଫଳ ଆଦୌ ଶୁଭପ୍ରଦ ନୁହେଁ । କର୍ମକ୍ଷେତ୍ରରେ ନାନା ସମସ୍ୟା । କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି । ଆୟ ଉତ୍ତମ । ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ । ପ୍ରତିକାର: ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ ।

ପର୍ଯ୍ୟଟନ

# ଅଲାରନାଥ ମନ୍ଦିର





ଓଡ଼ିଶା ପର୍ଯ୍ୟଟନରେ ଅଲାରନାଥ ମନ୍ଦିରର ବୈଶିଷ୍ଟ୍ୟ ସମସ୍ତଙ୍କୁ ଜଣା। ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ମହକିତ ଅଧ୍ୟାୟ କାହାକୁ ବା ଅଜଣା। ଶ୍ରୀଜଗନ୍ନାଥ କେବଳ ଓଡ଼ିଆ ପ୍ରାଣର ଦେବତା ନୁହନ୍ତି ବରଂ ବିଶ୍ୱ ନିୟନ୍ତା। ଅନେକ ରୀତିନୀତି ଯୋଡ଼ି ହୋଇ ରହିଛି ତାଙ୍କର ଏହି ମହନୀୟ ପରମ୍ପରା ପଛରେ। ଅନେକ ସ୍ଥାନ ମଧ୍ୟ ସେହି ବିଶ୍ୱ ନିୟନ୍ତାଙ୍କ ପାଇଁ ପ୍ରସିଦ୍ଧ ଲାଭ କରିଛି। ସେହିଭଳି ଅଲାରନାଥ ମନ୍ଦିର ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଯୋଡ଼ି ହୋଇ ରହିଥିବା ଏକ ବିଶିଷ୍ଟ ପୀଠ। ବର୍ଷର ଥରେ ୧୪ଦିନ ପାଇଁ ଏହି ସ୍ଥାନରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ଦର୍ଶନ ଦେବା ପଛରେ ରହିଛି ମଧ୍ୟ ବିଶେଷ କାରଣ। ଦାରୁଦିଅଁଙ୍କୁ ଦର୍ଶନ ନପାଇ ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କୁ ଉପାସନା କରିଥାନ୍ତି। ଶ୍ରୀ ଅଲାରନାଥଙ୍କ ବିଗ୍ରହ କଳାମୁଗୁନି ପଥରରେ ନିର୍ମିତ ଚତୁର୍ଭୁଜ ମୂର୍ତ୍ତି। ତୋରଣ ସହ ମୂର୍ତ୍ତି ଗୋଟିଏ କଳାମୁଗୁନି ଶିଳାରେ ନିର୍ମିତ। ଶ୍ରୀବିଗ୍ରହଙ୍କ ଦୁଇ ପାର୍ଶ୍ୱର ନିମ୍ନ ଭାଗରେ ଶ୍ରୀଦେବୀ, ଭୂଦେବୀ, ତୋରଣର ମଝି ଦୁଇପାର୍ଶ୍ୱରେ ଲଳିତା, ବିଶାଖା ଚାମର ହସ୍ତରେ ବିଦ୍ୟମାନ। ତୋରଣର ଊର୍ଦ୍ଧ୍ୱ ଦୁଇପାର୍ଶ୍ୱରେ ବ୍ରହ୍ମା ଓ ଶିବ ବିରାଜମାନ କରିଥିବାବେଳେ ଯୋଡ଼ହସ୍ତରେ ଗରୁଡ଼ ମଧ ତଳେ ବିଦ୍ୟମାନ। ଶ୍ରୀବିଗ୍ରହଙ୍କ ଊର୍ଦ୍ଧ୍ୱଦେଶ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ର, ନିମ୍ନଦେଶ ବାମ ହସ୍ତରେ ଗଦା, ଦକ୍ଷିଣ ହସ୍ତରେ ପଦ୍ମ ଶୋଭା ପାଉଛି। ସିଦ୍ଧାର୍ଥ ସଂହିତା ଅନୁସାରେ ଏହି ବିଗ୍ରହ ଜନାର୍ଦ୍ଦନ ନାରାୟଣ ଅଟନ୍ତି।

## କିମ୍ବଦନ୍ତୀ

ପୁରୁଷୋତ୍ତମ ଚନ୍ଦ୍ରିକାରୁ ପ୍ରମାଣ ମିଳେ ଯେ, ଅଣସର ସମୟରେ ପରମ ତାନ୍ତ୍ରିକ ବାବା ଅଲବନ୍ଦା ଆଚାର୍ଯ୍ୟ ନାମକ ଜନୈକ ବ୍ରାହ୍ମଣ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ତନ୍ତ୍ରବଳରେ ଏକ ବଟବୃକ୍ଷରେ ଆସି ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ନିକଟ ସମୁଦ୍ର କୂଳରେ ଅବତରଣ କରି ଭ୍ରମର ବେଶରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ଏହି ସମୟରେ ମନ୍ଦିର ମଧରେ ଏକ ଅଷ୍ଟଦଳ ପଦ୍ମ ଦେଖି ଅଲବନ୍ଦା ଛଦ୍ମବେଶୀ ଭ୍ରମର ବିମୋହିତ ହୋଇ ଏହା ଉପରେ ବସିବାକୁ ଚେଷ୍ଟା କରିଥିଲେ। ଏହି ପଦ୍ମର ସମସ୍ତ ପାଖୁଡ଼ା ଏକ ସୁନ୍ଦର ନାରୀରେ ପରିଣତ ହୋଇ ଭ୍ରମରକୁ ଉପହାସ କରନ୍ତି। ଫଳରେ ଅଲବିନ୍ଦା ଅପମାନିତ ପାଇ ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହେଲେ। ନିଜର ତନ୍ତ୍ର ବିଦ୍ୟାରେ ପରାସ୍ତ ହେବା ପରେ ଅପମାନରେ ସମୁଦ୍ର ମଧରେ ଆତ୍ମବିସର୍ଜନ ନିମନ୍ତେ ଯିବା ସମୟରେ ଉକ୍ତ ବଟବୃକ୍ଷରୁ ଏକ ମାଙ୍କଡ଼ ଲମ୍ଫ ପ୍ରଦାନ କରି ତାଙ୍କ ଗତିପଥ ବଦଳାଇ ଦେଇଥିଲା। ଅଲବନ୍ଦା ମହାପ୍ରଭୁଙ୍କ ନିର୍ଦ୍ଦେଶ ଭାବି ଭକ୍ତ ଗତିପଥରେ ଦକ୍ଷିଣାଭିମୁଖୀ ଯାତ୍ରା କରି ଅଲାରନାଥ ପୀଠରେ ପହଞ୍ଚି ଚତୁର୍ଦ୍ଧା ନାରାୟଣ ମୂର୍ତ୍ତିଙ୍କୁ ଦେଖି ଭାବବିହ୍ୱଳ ହୋଇଯାଇଥିଲେ। ନିଜ ତନ୍ତ୍ରବିଦ୍ୟା ଛାଡ଼ି ନାରାୟଣଙ୍କ ପୂଜାରେ ମଜ୍ଜି ଯାଇଥିଲେ। ସେହିଦିନ ଠାରୁ ଅଲବନ୍ଦାଙ୍କ ପ୍ରଭୁ ବା ନାଥ ହିସାବରେ ଅଲବନ୍ଦା ନାଥ ପରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହୋଇଥିବା କିମ୍ବଦନ୍ତୀ ରହିଛି। ସେହିପରି ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଭକ୍ତି ଆନ୍ଦୋଳନ ସମୟରେ ଶ୍ରୀଚୈତନ୍ୟ ତାଙ୍କ ଜୀବନର ଶେଷ ଅଠର ବର୍ଷ ପୁରୀରେ ଅବସ୍ଥାନ କରିଥିଲେ। ସ୍ନାନଯାତ୍ରାରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଦେଖି ବିଭୋର ହୋଇଯାଇଥିଲେ। କିନ୍ତୁ ଏହାର ପରଦିନ ଅନବସର ସମୟରେ ମହାପ୍ରଭୁଙ୍କ ଦର୍ଶନ ନପାଇ ବିରହ ଜ୍ୱାଳାରେ ମ୍ରିୟମାଣ ହୋଇପଡ଼ିଥିଲେ। ଏହି ବିରହ ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ସମୁଦ୍ର କୂଳେ କୂଳେ ଯାଉଥିବା ସମୟରେ ବ୍ରହ୍ମଗିରିସ୍ଥ ଅଲାରନାଥ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦେଖି ଏତେ ବିଭୋର ହୋଇଯାଇଥିଲେ ଯେ, ସେଠାରେ ପଡ଼ିଥିବା ଏକ ପଥର ଉପରେ ଦଣ୍ଡବତ ସ୍ୱରୂପ ପ୍ରଣିପାତ ହୋଇଥିଲେ। ଜଗନ୍ନାଥଙ୍କ ଦର୍ଶନ ନପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକୃତି ଭଳି ତରଳି ଯାଇଥିଲା, ଯାହା କି ବର୍ତ୍ତମାନ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜା ପାଉଛି। ଉକ୍ତ ପ୍ରସ୍ତର ଭକ୍ତର ଭକ୍ତିଭାବର ପ୍ରମାଣ ବହନ କରୁଛି। ଅଣସର ସମୟରେ ଶ୍ରୀମନ୍ଦିର ସମ ମହାପ୍ରସାଦ ଅଲାରନାଥଙ୍କ ପ୍ରିୟଭୋଗ କ୍ଷୀରି ପ୍ରସାଦ ଆନନ୍ଦ ବଜାରରୁ ମିଳିଥାଏ। ମହାପ୍ରଭୁ ଅଲାରନାଥଙ୍କ ପ୍ରିୟଭୋଗ କ୍ଷୀରିକୁ ନେଇ କିମ୍ବଦନ୍ତୀ ଏବଂ କପିଳ ସଂହିତାରେ ଆଉ ଏକ ବର୍ଣ୍ଣନା ରହିଛି। ଉପନୟନ ଓ ମନ୍ତ୍ର ଶିଖି ନଥିବା ୫ବର୍ଷର ବାଳକ ହାତରୁ କ୍ଷୀରି ଖାଇ ଅଲାରନାଥ ନିଜେ ପ୍ରମାଣ କରିଦେଇଛନ୍ତି ଭକ୍ତ ମନରେ ଭାବ ଥିଲେ ମନ୍ତ୍ର ଉପଚାରର ଆବଶ୍ୟକତା ନାହିଁ। ଯୁଗେ ଯୁଗେ ଏହାର ପ୍ରମାଣ ଦେବା ପାଇଁ ଏବେ ବି ମହାପ୍ରଭୁଙ୍କ ଦେହରେ କ୍ଷୀରିଖିଆର ଫୋଟକା ଦାଗ ରହିଛି। ଏହି ବ୍ରାହ୍ମଣ ପରିବାରର ନାମ ଅନୁଯାୟୀ ଅଲାରନାଥ ହେବାର ପ୍ରମାଣ ଅଛି। ଲୀଳାକ୍ଷେତ୍ର ବ୍ରହ୍ମଗିରିରେ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଅଣସର ଦର୍ଶନ କରି ଶ୍ରଦ୍ଧାଳୁମାନେ ଅଶେଷ କୃପା ଲାଭ କରିଥାନ୍ତି।



## ନୀତିକାନ୍ତି


ଅଲାରନାଥ ମନ୍ଦିର ଖୋଲିବା ସମୟ ପ୍ରାତଃ ୬ଘଟିକା ଓ ବନ୍ଦ ହେବା ସମୟ ରାତି ୯.୩୦। ସକାଳ ସମୟରେ ମହାପ୍ରଭୁଙ୍କୁ ବାଲଭୋଗ ଅର୍ପଣ କରାଯାଇଥାଏ। ମଧ୍ୟାହ୍ନରେ ମହାପ୍ରଭୁଙ୍କ ପାଇଁ ମଣୋହି ପ୍ରଦାନ କରାଯାଇଥାଏ, ଯାହାକି ଚାଉଳରୁ ପ୍ରସ୍ତୁତ ଅନ୍ନପ୍ରସାଦ ଓ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଏଥିରେ ରହିଥାଏ। ଏହା ସହିତ କ୍ଷୀରି ମଧ୍ୟ ପ୍ରଦାନ କରାଯାଇଥାଏ। ରାତିରେ ବିଭିନ୍ନ ପ୍ରକାର ପିଠା ଓ କ୍ଷୀରି ମଧ୍ୟ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗି ହୋଇଥାଏ। ଅଣସର ସମୟରେ ମହାପ୍ରଭୁଙ୍କ କ୍ଷୀରି ଭୋଗ ବେଶ ଲୋକପ୍ରିୟତା ଅର୍ଜନ କରିଥାଏ। ଏହି ସମୟରେ ଶ୍ରୀଜଗନ୍ନାଥ ଅଣସର ଘରେ ଥିବାରୁ ଅଲାରନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଏହି କ୍ଷୀରି ଭୋଗ ପାଇଁ ବ୍ୟାକୁଳ ହୋଇଥାନ୍ତି।



## ଗମନାଗମନ

ଭୁବନେଶ୍ୱରରୁ ଯିବାକୁ ହେଲେ ସଡ଼କପଥରେ ଅଲାରନାଥ ମନ୍ଦିରକୁ ମାତ୍ର ୮୦କିମି ଓ ପୁରୀରୁ ମାତ୍ର ୧୮କିମିରାସ୍ତା। ନିକଟତମ ରେଳଷ୍ଟେସନ ହେଉଛି ପୁରୀ ଯାହାକି ଅଲାରନାଥ ମନ୍ଦିରକୁ ମାତ୍ର୨୨କିମି ଦୂରତା। ଯେଉଁମାନେ ଅଲାରନାଥ ଦର୍ଶନ କରିବାକୁ ଯିବେ, ପୁରୀରେ ଅବସ୍ଥାନ କରିବାକୁ ଅନେକ ହୋଟେଲ ରହିଛି। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପୁରୀରେ ରହି ଅଲାରନାଥ ଦର୍ଶନ କରିପାରିବେ।

ମନୋରଞ୍ଜନ





# ରାଜାମୌଳୀଙ୍କ ରେକର୍ଡ

ଏସ୍ ଏସ୍ ରାଜାମୌଳୀଙ୍କ ଫିଲ୍ମଗୁଡ଼ିକ ନିଜ ନାମରେ ଅନେକଗୁଡ଼ିଏ ରେକର୍ଡ କରିଛନ୍ତି । ତାଙ୍କର ଏକ ଫିଲ୍ମ 'ଆର୍‌ଆର୍‌ଆର୍' ପୂରା ଦୁନିଆରୁ ଖୁବ୍ ଆୟ କରିଥିଲା । ଜୁନିଅର୍ ଏନ୍‌ଟିଆର୍ ଓ ରାମ ଚରଣଙ୍କ ଯୋଡ଼ି ସହିତ ରାଜାମୌଳୀଙ୍କ ଆଉ ଏକ ଫିଲ୍ମ ଶାନ୍‌ଦାର ପ୍ରଦର୍ଶନ କରିଥିଲା । ଏହି ପ୍ରୋଜେକ୍ଟ ପରେ ପରେ ତାଙ୍କର ଆଗାମୀ ଫିଲ୍ମର ଅପ୍‌ଡେଟ୍ ସବୁ ଆସିବା ଆରମ୍ଭ ହୋଇଗଲା । ବର୍ତ୍ତମାନ ଫିଲ୍ମଟିର ନାମ ରଖାଯାଇଛି- 'ଏସ୍‌ଏସ୍‌ଏମ୍‌ବି-୨୯' । ଏହାକୁ ଭାରତୀୟ ସିନେମାର ସବୁଠାରୁ ଦାମୀ ଫିଲ୍ମ ବୋଲି କୁହାଯାଉଛି ଯେଉଁଥିରେ ଖର୍ଚ୍ଚ କରାଯିବ ୧୦୦୦ କୋଟି । ଏହି ଜଙ୍ଗଲ ଆଡ୍‌ଭେଞ୍ଚରରେ ଅଭିନେତା ମହେଶ ବାବୁ ମୁଖ୍ୟ ଭୂମିକାରେ ଅଭିନୟ କରିବେ । ଫିଲ୍ମରେ ତାଙ୍କର ବଡ଼ ଧରଣର ଟ୍ରାନ୍ସଫର୍ମେସନ୍ ହେବାର ଅଛି । ଏହା ମଧ୍ୟରେ ଫିଲ୍ମଟିକୁ ନେଇ ରାଜାମୌଳୀ ବଡ଼ ପ୍ଲାନିଂ କରିସାରିଛନ୍ତି । ଏହି ଫିଲ୍ମରେ ଏବେ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଏଣ୍ଟ୍ରି ହୋଇସାରିଛି । ଭିଲେନ୍ ହୋଇ ସେ ମହେଶ ବାବୁଙ୍କ ସହିତ ଲଢ଼ିବେ । ତେବେ ଖବର ଅନୁସାରେ ସେଟ୍ କନ୍‌ଷ୍ଟ୍ରକସନ୍ ସହିତ ପ୍ରି-ପ୍ରଡକ୍ସନ୍ ଷ୍ଟେଜ ଅଗଷ୍ଟ ପର୍ଯ୍ୟନ୍ତ ଫାଇନାଲ୍ ହୋଇଯିବ । ଫିଲ୍ମଟିର ସୁଟିଂ ଆରମ୍ଭ ହେବ ସେପ୍ଟେମ୍ବର ମାସରେ । ତେବେ ରାଜାମୌଳୀଙ୍କ ପୂର୍ବ ଫିଲ୍ମଗୁଡ଼ିକ ବିଳମ୍ବରେ ଆରମ୍ଭ ହୋଇଥିବାରୁ ୨୦୨୬ ପର୍ଯ୍ୟନ୍ତ ଫିଲ୍ମଟି ରିଲିଜ ହେବ ବୋଲି ଆଶା କରାଯାଉଛି ।



# ଫୱାଦଙ୍କ କମ୍‌ବ୍ୟାକ୍

୨୮ ନଭେମ୍ବର, ୨୦୨୩ରେ ପାକିସ୍ତାନୀ କଳାକାରମାନଙ୍କ କାମ କରିବା ଉପରେ ପ୍ରତିବନ୍ଧ ଲଗାଯାଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ରିଜେକ୍ଟ କରିଦେଇଛନ୍ତି । ଏହାପରେ ଅଭିନେତା ଫୱାଦ ଖାନଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ଆସିଛି । ତେଣୁ ତାଙ୍କର ନୂଆ ପ୍ରୋଜେକ୍ଟସ୍ ପାଇଁ ଦର୍ଶକମାନେ ପ୍ରସ୍ତୁତ ହେଉଛନ୍ତି । ପାଖାପାଖି ଆଠ ବର୍ଷ ପରେ ଫୱାଦ ହିନ୍ଦୀ ଫିଲ୍ମ ଦୁନିଆକୁ ଫେରୁଥିବା ବିଷୟରେ ବଲିଉଡ୍‌ରୁ ଖବର ଆସୁଛି । ଏହି ନୂଆ ଫିଲ୍ମରେ ଫୱାଦ ନଜର ଆସିବେ ବାଣୀ କପୁରଙ୍କ ସହିତ । ତେବେ ଏହି ପ୍ରୋଜେକ୍ଟର ସୁଟିଂ ବହୁତ ଶୀଘ୍ର ଲଣ୍ଡନରେ ଆରମ୍ଭ ହେବ । ଫିଲ୍ମ ବିଷୟରେ କୌଣସି ତଥ୍ୟକୁ ଗୁପ୍ତ ରଖାଯାଇଛି । ତେବେ ଫୱାଦଙ୍କ ଆଗାମୀ ପ୍ରୋଜେକ୍ଟ ଏକ ରୋମାଣ୍ଟିକ କମେଡି ହେବ । ଜୀବନରୁ ନିରାଶ ହୋଇଥିବା ଦୁଇ ଜଣ ଲୋକ ଭାଗ୍ୟ ବଳରେ ଏକା ସହିତ ମିଶୁଛନ୍ତି ଓ ଅଜାଣତରେ ପରସ୍ପରକୁ ସାହାଯ୍ୟ କରୁଛନ୍ତି । ଏହାପରେ ଦୁଇ ଜଣଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିବା ଓ ସେମାନଙ୍କର ଇଲେକ୍ଟ୍ରିକ୍ କନେକ୍ସନ୍ ସହିତ ଫିଲ୍ମର ଅନ୍ତ ହେଉଛି । ସେପ୍ଟେମ୍ବରରେ ଫ୍ଲୋର୍‌କୁ ଆସିବା ପରେ ନଭେମ୍ବରରେ ଫିଲ୍ମର କାମ ଶେଷ ହୋଇ ଏ ବର୍ଷ ଫିଲ୍ମଟି ରିଲିଜ ହୋଇଯିବ ବୋଲି ଆଶା କରାଯାଉଛି ।



# 'କର୍ମ'ରେ ଅନୁଭବ



ଅମୀୟ ପଟ୍ଟନାୟକ ପ୍ରଡ଼କସନ୍ସ ବ୍ୟାନର ତଥା ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କର୍ମ'ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି । ସୁପରଷ୍ଟାର ଅନୁଭବ ମହାନ୍ତିଙ୍କୁ ନେଇ ଏକ ବିଗ୍ ବଜେଟ୍‌ର ସିନେମା ଆସନ୍ତା ଦୁର୍ଗା ପୂଜାରେ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବା ପାଇଁ ଅନୁପମ ପଟ୍ଟନାୟକ ପ୍ରୟାସ କରିଛନ୍ତି । ପୂର୍ବରୁ ଅନୁପମଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ପ୍ରତୀକ୍ଷା ଜାତୀୟ ପୁରସ୍କାର ଲାଭ କରି ଓଡ଼ିଆ ସିନେ ଜଗତ ପାଇଁ ଖୁସି ଆଣିଦେଇଥିଲା, ତା'ପରେ ତିନି ଜଣ ନାରୀଙ୍କ ସଂଘର୍ଷର କାହାଣୀକୁ ନେଇ ନିର୍ଦ୍ଦେଶନା ଦେଇଥିବା ଚଳଚ୍ଚିତ୍ର ତ୍ରିକନ୍ୟାର ବିରାଟ ସଫଳତା, ଆଗକୁ ଚଳଚ୍ଚିତ୍ର 'କର୍ମ'ଇତିହାସ ସୃଷ୍ଟି କରିବା ନେଇ ଚର୍ଚ୍ଚା ହେଉଛି ।

କର୍ମର ଶୁଭ ମହୁରତ ଏବଂ ସ୍କ୍ରିପ୍ଟ ପୂଜା ଉତ୍ସବରେ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, କାର୍ଯ୍ୟକାରିଣୀ ପ୍ରଯୋଜିକା ବର୍ଷା ପଟ୍ଟନାୟକ, ଲେଖକ ମାନସ ପଢ଼ିଆରୀ, କ୍ୟାମେରାମ୍ୟାନ ଦୀପକ କୁମାର, ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ସାଉଣ୍ଡ ଡିଜାଇନର ଶକ୍ତି ସ୍ୱରୂପ ଦ୍ୱିବେଦୀ, ସମ୍ପାଦକ ରଶ୍ମି ରଞ୍ଜନ ଦାଶ, ଲାଇନ ପ୍ରଡ୍ୟୁସର ଗୋପାଳ ଚନ୍ଦ୍ର ଘଡ଼ାଇ, କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀଙ୍କ ସମେତ ମୁଖ୍ୟ ଚରିତ୍ର ଗୁଡିକରେ ଅଭିନୟ କରୁଥିବା ଅଭିନେତା ସନୋଜ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ମନ୍ମୟ ଦେ, ଉଦିତ ଗୁରୁ, ଅଭିନେତ୍ରୀ ସୂର୍ଯ୍ୟମୟୀ ଏବଂ ଦିବ୍ୟା ଉପସ୍ଥିତ ଥିଲେ ।





# ସ୍ପାଇରେ ଆଲିଆଙ୍କ ଭୂମିକା

ୟଶରାଜ ଫିଲ୍ମସ୍‌ର ସ୍ପାଇ ୟୁନିଭର୍ସ ବଲିଉଡ୍ ଫ୍ୟାନ୍ସଙ୍କ ପାଇଁ ଏ ସମୟରେ ଏକ ନୂଆ ଜୁନୁନ୍ ହୋଇଗଲାଣି । ଦର୍ଶକମାନେ ଏହା ସହିତ ଜଡ଼ିତ ସବୁ ଅପ୍‌ଡେଟ୍‌କୁ ଜାଣିବା ପାଇଁ ସବୁବେଳେ ଉତ୍ସୁକ ରହନ୍ତି । ସେହିପରି ଏହା ମଧ୍ୟରେ ଆଲିଆଙ୍କ ସ୍ପାଇ ୟୁନିଭର୍ସର ସୁଟିଂକୁ ନେଇ ବଡ଼ ଅପ୍‌ଡେଟ୍ ଆସିଛି । ଖବର ଅନୁସାରେ ୱାଇଆର୍‌ଏଫ୍ ସ୍ପାଇ ୟୁନିଭର୍ସର ଫିଲ୍ମର ସୁଟିଂ ଏ ମାସ ମୁମ୍ବାଇ ଠାରେ ଆରମ୍ଭ ହେବ । ଏହାପରେ କିଛି ଜରୁରୀ ଆକ୍ସନ୍ ଦୃଶ୍ୟ ସୁଟ୍ କରାଯିବା ପାଇଁ ଫିଲ୍ମର କାଷ୍ଟ କାଶ୍ମୀର ଯିବ । ଏହି ଫିଲ୍ମରେ 'ମୁଞ୍ଜ୍ୟା' ଅଭିନେତ୍ରୀ ଶରବରୀ ବାଘ୍ ଓ ଅଭିନେତା ବବି ଦେଓଲ ମଧ୍ୟ ଲିଡ୍ ରୋଲ୍‌ରେ ନଜର ଆସିବେ । ଏହାର ସୁଟିଂ କେବଳ ଦେଶରେ ନୁହେଁ ବିଦେଶରେ ବି ହେବାର ଅଛି । ଫିଲ୍ମରେ ଆଲିଆ ଓ ଶରବରୀ ବାଘ୍ ଦେଶର ଶତ୍ରୁମାନଙ୍କ ସହିତ ଲଢ଼ିବାର ନଜର ଆସିବେ । ତେବେ ଫିଲ୍ମର କାହାଣୀ ଭାରତ-ପାକିସ୍ତାନର ରାଇବରେଲୀ ଉପରେ ଆଧାରିତ ହେବ । ଏହାର ମୁଖ୍ୟ କେନ୍ଦ୍ରବିନ୍ଦୁ ୨୦୨୦-୨୪ ମଧ୍ୟରେ ରହିବ । ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ନିର୍ମିତ ଏହି ପ୍ରଡକ୍ସନ୍ ହାଉସ୍‌ର ଏହା ହେବ ଅଷ୍ଟମ ଫିଲ୍ମ । ଏହା ପୂର୍ବରୁ ୟଶ ରାଜ ଫିଲ୍ମସ୍ ଏକ୍ ଥା ଟାଇଗର୍, ଟାଇଗର୍ ଜିନ୍ଦା ହେ, ୱାର୍ ଓ ପଠାନ୍ ପରି ଫିଲ୍ମର ନିର୍ମାଣ କରିସାରିଛି । ଏ ପର୍ଯ୍ୟନ୍ତ ସ୍ପାଇ ୟୁନିଭର୍ସରେ ପୁରୁଷମାନେ ମୁଖ୍ୟ ଭୂମିକାରେ ନଜର ଆସୁଥିଲେ । କିନ୍ତୁ ଏବେ ଏହି ଫିଲ୍ମରେ ଆଲିଆ ମୁଖ୍ୟ ଭୂମିକାରେ ନଜର ଆସିବେ ଓ ଭିଲେନ୍ ଚରିତ୍ରରେ ନଜର ଆସିବେ ବବି ଦେଓଲ୍ ।



# ସାଜିଦ୍, ସଲମାନ୍ ଓ ସତ୍ୟରାଜ





ପ୍ରଡ୍ୟୁସର୍ ସାଜିଦ୍ ନାଡିଆଦୱାଲା ଏ ସମୟରେ ସୁପରଷ୍ଟାର୍ ସଲମାନ୍ ଖାନଙ୍କ ସହିତ ଆଗାମୀ ଫିଲ୍ମ 'ସିକନ୍ଦର' ଉପରେ କାମ କରୁଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଏଆର୍ ମୁରୁଗାଡୋସ୍ । ଏହି ଦୁଇଜଣଙ୍କ ଖବର ପୂର୍ବରୁ ହିଁ ଦର୍ଶକମାନଙ୍କ ମନରେ ଉତ୍ସାହ ଭରି ରଖିଥିବା ବେଳେ ଆଉ ଜଣେ ଜଣାଶୁଣା କଳାକାର ସତ୍ୟରାଜଙ୍କ ଏହି ଟିମ୍‌ରେ ସାମିଲ ହେବା ପ୍ରୋଜେକ୍ଟକୁ ଆହୁରି ରୋମାଞ୍ଚକ କରିଦେଇଛି । ପୂର୍ବରୁ ସତ୍ୟରାଜ ବା କଟ୍ଟପାଙ୍କ ଫିଲ୍ମରେ ସାମିଲ ହେବାର ଖବର ଶୁଣିବାକୁ ମିଳୁଥିଲା । କିନ୍ତୁ ଏବେ ନିର୍ମାତାମାନେ ଆଧିକାରିକ ଭାବରେ ପୁଷ୍ଟି କରିବା ପରେ ସୋସିଆଲ୍ ମିଡିଆରେ ଏହି ଖବର ଖୁବ୍ ଭାଇରାଲ୍ ହେବାରେ ଲାଗିଛି । 'ବାହୁବଳୀ' ଫିଲ୍ମରେ କଟ୍ଟପା ଭୂମିକାରେ ଅଭିନୟ କରିଥିବା ଅଭିନେତା ସତ୍ୟରାଜ ନିକଟରେ ପ୍ରତୀକ ବବ୍ବରଙ୍କ ସହିତ ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି । ସତ୍ୟରାଜ ଏହା ପୂର୍ବରୁ ବିଭିନ୍ନ ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛନ୍ତି । ସିକନ୍ଦର୍ ସଲମାନ୍ ଖାନ ଓ ଅନ୍ୟ କଳାକାରମାନଙ୍କ ସହିତ ତାଙ୍କୁ ଏହି ଫିଲ୍ମରେ ଦେଖିବା ଥ୍ରୀଲ୍‌ରେ ଭରପୂର ଘଟଣା ହେବ । ତେବେ ଫିଲ୍ମରେ ସଲମାନ୍‌ଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିବେ ରଶ୍ମିକା ମନ୍ଦାନା । ପ୍ରଥମେ ଫିଲ୍ମର ଆକ୍ସନ୍ ସିକ୍ୱେନ୍ସର ସୁଟିଂ କରିବାକୁ ଚାହୁଁଛନ୍ତି ନିର୍ଦ୍ଦେଶକ ମୁରୁଗାଡୋସ୍ । ଏହି ଆକ୍ସନ୍-ଏଣ୍ଟରଟେନର୍ ଫିଲ୍ମଟି ଆସନ୍ତା ବର୍ଷ ଇଦ୍ ସମୟରେ ରିଲିଜ ହେବ ।

# ପରିବାର ସଂସ୍କାର ଜଣାନ୍ତୁ







ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ସ୍କୁଲରେ ଛାଡ଼ିଦେଲେ ହେବନାହିଁ। ସ୍କୁଲ ବ୍ୟତୀତ ପରିବାର ଓ ସମାଜ ମଧ୍ୟ ଅନେକ କିଛି ଗୁରୁତ୍ୱ ରଖେ। ଅନେକ କଥା ପରିବାରରୁ ଶିଖିଥାଏ ତ ଅନେକ କଥା ସମାଜରୁ ଶିଖିଥାଏ। ସମାଜ ବ୍ୟବସ୍ଥା ବହୁତ ବଡ଼ ହୋଇଥିବାରୁ କିଛି ଭଲ କଥା ସହିତ ମନ୍ଦ କଥା ମଧ୍ୟ ସମାଜରୁ ଆହରଣ କରିଥାଏ। କିନ୍ତୁ ସ୍କୁଲ କିମ୍ବା ପରିବାରରୁ ମନ୍ଦ କଥାର ତ ପ୍ରଶ୍ନ ଉଠୁନାହିଁ ଶତ ପ୍ରତିଶତ ଭଲ କଥା ଶିଖିବାର ସୁଯୋଗ ରହିଛି। ବିଦ୍ୟାଳୟରେ ଯେମିତି ଶିକ୍ଷକମାନେ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ଉତ୍ସାହିତ କରିଥାନ୍ତି, ଘରେ ମଧ୍ୟ ବାପାମାଆମାନେ ସେମିତି ପ୍ରୟାସ କରିଥାନ୍ତି। ପ୍ରୟାସ କରିବା ନୁହେଁ ପିଲାଙ୍କ ଉପରେ ଅନୁଶାସନର ବୋଝ ଲଦିଦେବା। ଅନେକ ଅଭିଭାବକ ନିଜର ବ୍ୟକ୍ତିଗତ ସ୍ଖଳନକୁ ଗୁରୁତ୍ୱ ନଦେଇ ପିଲାଙ୍କୁ ଭଲ କଥା ଶିଖେଇବାକୁ ଚାହିଁଥାନ୍ତି। ପିତାମାତାଙ୍କର ଆଚରଣ-ଉଚ୍ଚାରଣ ଯଦି ଠିକ୍ ନରହେ, ପିଲାଙ୍କୁ କେବେହେଲେ ବାଟକୁ ଆଣିପାରିବେ ନାହିଁ। ପିଲାଙ୍କ ଉପରେ ବାପାମାଆଙ୍କ ଆଦର୍ଶର ପ୍ରତିଫଳନ ନିଶ୍ଚୟ ଘଟିବ। ପରିବାର ହେଉଛି, ପିଲାଙ୍କର ସଂସ୍କାର କେନ୍ଦ୍ର। ପିଲାଟି ଯାହା କିଛି ଶିଖିଥାଏ, ପରିବାର ଠାରୁ ହିଁ ଶିଖିଥାଏ। ଆଉ ଯାହା କିଛି ଶିଖିବାର ଥାଏ, ତାହା କିଛିମାତ୍ରରେ ବିଦ୍ୟାଳୟରୁ ଶିଖିଥାଏ। ଅନ୍ୟମାନଙ୍କ ସହିତ ବ୍ୟବହାର କେମିତି ଦେଖାଇବା ଦରକାର। ଗୁରୁଜନ-ଲଘୁଜନଙ୍କୁ କେମିତି ସମ୍ମାନ, ସଦିଚ୍ଛା ଜଣେଇବେ... ତାହା ମଧ୍ୟ ବାପାମାଆମାନେ ଶିଖାଇଥାନ୍ତି। ଆଧୁନିକ ଜୀବନଶୈଳୀରେ ପିଲାମାନେ ଅଧିକ ସୁବିଧାସୁଯୋଗ ପାଉଥିବା କାରଣରୁ ମଧ୍ୟ ବାଟବଣା ହୋଇଯାଉଛନ୍ତି। ବାପାମାଆଙ୍କ ମଧ୍ୟରେ ବୁଝାମଣା ମଧ୍ୟ ଠିକ୍ ରହୁନି। ସବୁସମୟରେ ଘର ଭିତରେ କଳିଗୋଳ କରିବା ଦ୍ୱାରା ପିଲାଟି ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଏମିତି ଅନେକ ଘଟଣା ଅଛି, ଯାହା ପିଲାଟି ପରିବାର ପକ୍ଷରୁ ଅନେକ କିଛି ଶିଖିବାର ଥାଏ। କିନ୍ତୁ ସେ ସୁଯୋଗ ହାତଛଡ଼ା କରୁଥିବା ଅବାଟରେ ଯିବା କିଛି ବଡ଼କଥା।

# ବର୍ଷକ ଆଗରୁ ପ୍ଲାନିଂ କରନ୍ତୁ




ଯଦି କୌଣସି ଜାଗାରୁ ଚାକିରି ଛାଡୁଛନ୍ତି, ହଠାତ୍ କିଛି ନବୁଝୁସୁଝି ଚାକିରି ଛାଡ଼ନ୍ତୁ ନାହିଁ। ଜଣେ ବ୍ୟକ୍ତିର ଅର୍ଥନୈତିକ ମେରୁଦଣ୍ଡ ହେଲା ଚାକିରି। ଏହା ଉପରେ ନିର୍ଭର କରେ ନିଜର ତଥା ପରିବାରର ଭରଣପୋଷଣ। ଦୈନନ୍ଦିନ ଜୀବନରେ ଅତ୍ୟାବଶ୍ୟକ ଚଳଣୀକୁ ଛାଡ଼ିଦେଲେ ମଧ୍ୟ ଆହୁରି ଅନେକ ଆନୁଷଙ୍ଗିକ ଖର୍ଚ୍ଚ ରହିଛି। ଯଦି ଜଣେ ଚାକିରି ଛାଡ଼ିଦିଏ ଓ ଆଉ କୌଣସି ଦିଗରୁ ଚଳିବାର କୌଣସି ଉତ୍ସ ନଥାଏ, ନିଶ୍ଚିତ ଜଣେ ମାନସିକ ଭାରସାମ୍ୟ ହରାଇଥାଏ। ଏଣୁ ଚାକିରି ଛାଡ଼ିବା ଭଳି ଚରମ ନିଷ୍ପତ୍ତି ନେବା ଆଗରୁ ଭାବିବା ଦରକାର, ଏହା କେତେ ଦରକାର। ଅନେକ ଥାଆନ୍ତି, ଯେଉଁମାନେ କିଛି କଥାକୁ ଗୁରୁତ୍ୱ ନଦେଇ ଖାମଖିଆଲ ଭାବରେ ଚାକିରି ଛାଡ଼ି ଦେଇଥାନ୍ତି, ସେମାନେ ହିଁ ବାସ୍ତବରେ ହଇରାଣ ହୋଇଥାନ୍ତି। ଯଦି ନିଜକୁ ବୁଦ୍ଧିମାନ ଭାବୁଛନ୍ତି, ତାହେଲେ ବର୍ଷକ ଆଗରୁ ଚାକିରି ଛାଡ଼ିବା ପାଇଁ ପ୍ଲାନିଂ କରନ୍ତୁ। ବର୍ଷକ ଆଗରୁ ଭାବନ୍ତୁ, କେଉଁ ସଂସ୍ଥାରେ ଯୋଗ ଦେଲେ ନିଜ ପାଇଁ ତାହା ସୁଫଳ ମିଳିପାରିବ। ନିଜର ଦକ୍ଷତା, କର୍ମସଂସ୍ଥାନ, ଦରମା ଆଦିକୁ ବିଚାର କରି ନିଷ୍ପତ୍ତି ନେବା ଦରକାର। ନିଷ୍ପତ୍ତି ନେବା ପୂର୍ବରୁ ଭାବିବା ଦରକାର, ଯେଉଁ ସଂସ୍ଥାକୁ ସେ ଯାଉଛନ୍ତି, ତାହା ପୂର୍ବ ସଂସ୍ଥା ଅପେକ୍ଷା ଭଲ ହୋଇଥିବା ଦରକାର।

# ନାଗରିକ ନ୍ୟାୟ ସଂହିତା


**ଯୁଧିଷ୍ଠିର ମହାରଣା**




ଜୁଲାଇ ପହିଲାରୁ ଦେଶରେ ଲାଗୁ ହେଲା ନାଗରିକ ନ୍ୟାୟ ସଂହିତା । ଏହା ସହିତ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଆଇପିସି, ସିଆରପିସି ଓ ଇଣ୍ଡିଆନ ଏଭିଡ଼େନ୍ସ ଆକ୍ଟ ଭଳି ବ୍ରିଟିଶ ନିୟମ ହଟିଯିବ । ଏନେଇ ଗତ ଫେବୃଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ କିଛିଦିନ ତଳେ କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ଡିସେମ୍ବର ମାସରେ ସଂଶୋଧିତ ହୋଇଥିବା ନୂଆ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମକୁ ଲାଗୁ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ତେଣୁ ଆଉ ପୁରୁଣା ଆଇପିସି ଓ ସିଆରପିସି ଲାଗୁ ହେବନାହିଁ । କ୍ରାଇମ, କ୍ରିମିନାଲ, ଟ୍ରାକିଂ ବା ସିସିଟିଏନ୍‌ଏସରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ । ଏଥିପାଇଁ ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଓ ଷ୍ଟେଟ କ୍ରାଇମ ରେକର୍ଡ଼ ବ୍ୟୁରୋରେ ବ୍ୟାପକ ପରିବର୍ତ୍ତନ କରାଯାଉଛି । ନୂଆ ଆଇନ ଓ ପୁରୁଣା ନିୟମ ମଧ୍ୟରେ ଅନେକ ଫରକ ରହିଛି । ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଇଥିଲା । ହେଲେ ଲାଗୁହେବାକୁ ଯାଉଥିବା ନୂଆ ଆଇନ ବ୍ୟବସ୍ଥାରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି ବିନିଯୋଗ କରାଯିବ, ନୂଆ ଆଇନରେ ସେ ପ୍ରାବଧାନ ରହିଛି । ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି ।

ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଲ କୋଡ୍, ଫୌଜଦାରୀ ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ଇତିହାସ ପାଲଟିବ । ଏହା ସ୍ଥାନରେ କେନ୍ଦ୍ର ସରକାର ଆଣିଥିବା ତିନି ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ କରାଯିବ । ନୂଆ ଫୌଜଦାରୀ ଆଇନରେ ଆଧୁନିକ ନ୍ୟାୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଛି । ଏଥିରେ ଜିରୋ ଏଫ୍‌ଆଇଆର, ଅନ୍‌ଲାଇନ୍ ଯୋଗେ ପୁଲିସରେ ଅଭିଯୋଗ, ଇଲେକ୍ଟ୍ରୋନିକ ମୋଡ୍ ଯଥା ଏସଏମ୍‌ଏସରେ ସମନ ଏବଂ ଜଘନ୍ୟ ଅପରାଧରେ ଘଟଣାସ୍ଥଳର ଭିଡ଼ିଓ ଗ୍ରାଫିକୁ ବାଧ୍ୟତାମୂଳକ କରାଯାଇଛି । ଅପରାଧ କ୍ଷେତ୍ରରେ ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ଆଇନରେ ଦଣ୍ଡ ବିଧାନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଇଛି । ଏହି ନୂଆ ଆଇନ ଭାରତୀୟଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ ଓ ଭାରତୀୟ ସଂସଦରେ ଅଣାଯାଇଛି ଏବଂ ଏହା ଔପନିବେଶିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାର ଅନ୍ତ ଘଟାଇବ । ଇଂରେଜ ଶାସନ ସମୟରୁ ପ୍ରଚଳିତ ଆଇପିସିରେ ମୋଟ ୫୧୧ଟି ଧାରା ରହିଥିଲା ବେଳେ ତା'ର ସ୍ଥାନ ନେବାକୁ ଯାଉଥିବା ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରା ରହିଛି । ସଂଶୋଧନ ମାଧ୍ୟମରେ ସେଥିରେ ୨୦ଟି ନୂଆ ଅପରାଧକୁ ସାମିଲ କରାଯାଇଛି । ୩୩ଟି ଅପରାଧରେ ଦଣ୍ଡବିଧାନ ବଢ଼ାଯାଇଥିଲା ବେଳେ ୮୩ଟି ଅପରାଧରେ ଜରିମାନା ରାଶି ବୃଦ୍ଧି କରାଯାଇଛି । ୨୩ଟି ଅପରାଧରେ ସର୍ବନିମ୍ନ ଦଣ୍ଡର ପ୍ରାବଧାନ ରହିଛି । ଏଥିସହ ୬ଟି ଅପରାଧ ପାଇଁ ଗୋଷ୍ଠୀ ସେବା କରିବାର ଆଇନଗତ ବ୍ୟବସ୍ଥା ରଖାଯାଇଛି । ସେହିଭଳି ଫୌଜଦାରୀ ଦଣ୍ଡ ସଂହିତା ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା କାର୍ଯ୍ୟକାରୀ ହେବ । ସିଆରଲପିସିରେ ମୋଟ ୪୮୪ଟି ଧାରା ରହିଥିଲା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ ଧାରା ରହିଛି । ନୂଆ ଆଇନରେ ୧୭୭ଟି ଧାରାକୁ ବଦଳାଯାଇଥିବା ବେଳେ ୩୯ଟି ନୂଆ ଅପରାଧକୁ ସାମିଲ କରାଯାଇଛି । ଏଥିସହ ୩୫ଟି ଧାରାର ସମୟ ସୀମା ସ୍ଥିର କରାଯାଇଛି । ସେହିଭଳି ଇଂରେଜ ଶାସନ ସମୟରୁ ପ୍ରଚଳିତ ଭାରତୀୟ ସାକ୍ଷ୍ୟ ଆଇନରେ ମୋଟ ୧୬୭ଧାରା ରହିଥିଲା ବେଳେ ନୂଆକରି ଅଣାଯାଇଥିବା ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ ଧାରା ଅର୍ଥାତ୍ ୩ଟି ଅଧିକ ଧାରା ସ୍ଥାନ ପାଇଛି । ତେବେ ନୂଆ ଆଇନରେ ୨୪ଟି ଧାରାକୁ ସଂଶୋଧନ କରାଯାଇଛି । ଦେଶଦ୍ରୋହ ପାଇଁ ଆଇପିସିରେ ଧାରା ୧୨୪ ଲାଗୁ ହେଉଥିବା ବେଳେ ନୂଆ ଆଇନରେ ଧାରା ୧୫୨ ଲାଗୁ କରାଯିବ । ବେଆଇନ ଭାବେ ଏକତ୍ରିତ ହେବା ପାଇଁ ଧାରା ୧୪୪ ସ୍ଥାନରେ ୧୮୯ ଲାଗୁ ହେବ । ହତ୍ୟା ପାଇଁ ପୂର୍ବରୁ ଧାରା ୩୦୨ ଲାଗୁ ହେଉଥିଲା ବେଳେ ଏବେ ୧୦୧ ଲାଗୁ କରାଯିବ । ହତ୍ୟା ଉଦ୍ୟମ ପାଇଁ ଧାରା ୩୦୭ ରହିଥିଲାବେଳେ ବର୍ତ୍ତମାନ ଧାରା ୧୦୯ ଲାଗିବ । ବଳାତ୍କାର ପାଇଁ ଧାରା ୩୭୬ ଲାଗୁ ହେଉଥିଲା । କିନ୍ତୁ ଏବେ ଧାରା ୬୩ ଲାଗୁ ହେବ । ସେହିଭଳି ମାନହାନି ପାଇଁ ଧାରା ୩୯୯ ଲାଗୁଥିଲାବେଳେ ନୂଆ ଆଇନ ଅନୁସାରେ ଧାରା ୩୫୬ ଲାଗୁ କରାଯିବ । ପୂର୍ବ ଠକେଇ ଲାଗି ଧାରା ୪୨୦ ଲାଗୁଥିଲା ବର୍ତ୍ତମାନ ଧାରା ୩୧୬ ଲାଗିବ ।

**୧୮ ବର୍ଷରୁ କମ ହେଲେ ଶିଶୁ ୬ଟି ଅପରାଧରେ ଦୋଷୀ ହେଲେ ଗୋଷ୍ଠୀ ସେବା ଦଣ୍ଡ :** ଔପନିବେଶିକ ଚିନ୍ତାଧାରାରୁ ମୁକ୍ତି ପାଇଁ ନୂଆ ଆଇନ ଉଦ୍ଦିଷ୍ଟ । ଭାରତୀୟ ନ୍ୟାୟ ସଂହିତାରେ ୨୦ଟି ଅଧ୍ୟାୟ ରହିଛି । ୩୫୮ ଧାରା ସ୍ଥାନ ପାଇଛି । ଆଇପିସିରେ ୨୩ଟି ଅଧ୍ୟାୟ ରହିଥିବାବେଳେ ୫୧୧ ଦଫା ରହିଛି । ପୁରୁଣା ଆଇନର ବହୁ ଦଫା ନୂଆ ଆଇନରେ ସ୍ଥାନ ପାଇଛି । କେତେକ ନୂଆ ଯୁଗ ଅନୁସାରେ ଅଲୋଡ଼ା ତଥା ଅନାବଶ୍ୟକ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି । ବହୁ ଅପରାଧ ପାଇଁ ଜେଲ ଓ ଅର୍ଥ ଦଣ୍ଡ ବୃଦ୍ଧି କରାଯାଇଛି । ୩୩ଟି ଅପରାଧରେ ଦଣ୍ଡ ବୃଦ୍ଧି କରାଯାଇଛି । ସେହଭଳି ଭାବେ ୮୩ଟି ଅପରାଧରେ ଅର୍ଥ ଦଣ୍ଡ / ଜରିମାନା ପରିମାଣ ବୃଦ୍ଧି କରାଯାଇଛି ।






୬ଟି ଅପରାଧରେ ଦୋଷୀ ପାଇଁ କମ୍ୟୁନିଟି ସର୍ଭିସ ବା ଗୋଷ୍ଠୀସେବା ଭଳି ଦଣ୍ଡ ବ୍ୟବସ୍ଥା ରହିଛି । ଆଉ ମର୍ଡର ପାଇଁ ଦଫା ୩୦୨ରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ନାହିଁ । ମର୍ଡ଼ର ପାଇଁ ନୂଆ ଆଇନର ଧାରା ୧୦୩ (୧)ରେ ମୃତ୍ୟୁ ଦଣ୍ଡ ପ୍ରଦାନ କରାଯାଇ ପାରିବ । ପୁରୁଣା ଆଇନର ୧୨୪-କ ରାଜଦ୍ରୋହ ଦଫାକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ ପାଇଁ ନୂଆ ଆଇନର ଧାରା ୧୫୨ରେ ଆଜୀବନ ଦଣ୍ଡ ପ୍ରଦାନ କରାଯାଇ ପାରିବ । ପରିବେଶ ପ୍ରଦୂଷଣ, ମାନବ ଚାଲାଣ ଘଟଣା ପାଇଁ ନୂଆ ଆଇନରେ ଦଣ୍ଡ ବ୍ୟବସ୍ଥା କରାଯାଇଛି । ମହିଳା, ଶିଶୁ, ରାଷ୍ଟ୍ରକୁ ପ୍ରାଧାନ୍ୟ ଦିଆଯାଇଛି । ୧୮ ବର୍ଷରୁ କମ ବୟସ୍କଙ୍କୁ ଶିଶୁ ଭାବେ ଗ୍ରହଣ କରାଯିବ । ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି । ନୂଆ ଆଇନରେ ପୀଡ଼ିତଙ୍କ ଅଧିକାର ସହିତ ଅଭିଯୁକ୍ତର ଅଧିକାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଜଣେ ଅଭିଯୁକ୍ତକୁ ନିରବ ରହିବାର ଅଧିକାର ପ୍ରଦାନ କରାଯାଇଛି । କାରଣ ଉଲ୍ଲେଖ କରି ଗିରଫଦାରୀ କରାଯିବ । ପୁଲିସକୁ ଅଧିକ କ୍ଷମତା ଦିଆଯାଇଛି । ବିନା ଗିରଫ ପରୱାନାରେ ପୁଲିସ ବହୁ ମାମଲାରେ ଗରିଫ କରିପାରିବ । ମାମଲାର ତଦନ୍ତ ବେଳେ କୌଣସି ସ୍ଥାନର ଖାନତଲାସ, ସାମଗ୍ରୀ ଜବତ ଇତ୍ୟାଦି ପ୍ରକ୍ରିୟାର ଅଡ଼ିଓ-ଭିଡ଼ିଓ ରେକର୍ଡ଼ିଂ କରାଯିବ । ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଟେଲିଗ୍ରାମ ଶବ୍ଦକୁ ଉଚ୍ଛେଦ କରାଯାଇଛି । ଇଲେକ୍ଟ୍ରୋନିକ ଓ ଡିଜିଟାଲ ରେକର୍ଡ଼ର ଗ୍ରହଣୀୟତା ଉପର ଗୁରୁତ୍ୱାରୋପ କରାଯାଇଛି । ମୌଖିକ ବୟାନ ଇଲେକ୍ଟ୍ରୋନିକାଲ ଜଣେ ଦେଇ ପାରିବ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ପେଡିଆଟ୍ରିକ୍ ହାଇପରଟେନ୍‌ସନ୍

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ




ଆପଣ ଭାବୁଥିବେ କେବଳ ବୟସ୍କ ଲୋକମାନଙ୍କର ହାଇପରଟେନସନ ସମସ୍ୟା ରହିଥାଏ ଏବଂ ସମ୍ଭବତଃ ପିଲାମାନଙ୍କ ଠାରେ ଏହି ସମସ୍ୟା ଦେଖାଯାଇ ନଥାଏ। କିନ୍ତୁ ଆମ ଶରୀର ତତ୍ତ୍ୱ ଅନୁଯାୟୀ ପିଲାମାନେ ମଧ୍ୟ ଏହାର ସହଜ ଶିକାର ହୋଇଥାନ୍ତି। ପିଲାମାନଙ୍କ ଠାରେ ଘଟୁଥିବା ହାଇପର ଟେନସନରୁ ପେଡ଼ିଆଟ୍ରିକ ହାଇପରଟେନ୍‌ସନ୍ କୁହାଯାଏ। ଏହା ସାଧାରଣତ ୧୨ ବର୍ଷରୁ ୧୯ବର୍ଷ ପିଲାମାନଙ୍କ ଠାରେ ଦେଖାଯାଏ। ପିଲାମାନଙ୍କର ହାଇପର ଟେନସନ ବୟସ ଜାତି, ରଙ୍ଗ, ଜିନ, ରୂପ ଏବଂ ଶାରୀରିକ ଗଠନ ଉପରେ ନିର୍ଭର କରେ। ଏହା ପିଲାମାନଙ୍କର ଜୀବନଶୈଳୀ, ଖାଦ୍ୟ ପରିବାର ଏବଂ ସାମାଜିକ ପରିବେଶ ଉପରେ ନିର୍ଭର କରିପାରେ। ଏଥି ସହିତ ମୋଟାପଣରେ ପୀଡ଼ିତ ପିଲାମାନଙ୍କ ଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ଦୁଇ ପ୍ରକାରର ପେଡ଼ିଆଟ୍ରିକ ହାଇପର ଟେନ୍‌ସନ୍ ରହିଛି।

ପିଲାମାନଙ୍କ ପେଡିଆଟ୍ରିକ ହାଇପରଟେନସନ ରୋଗ ସମ୍ବନ୍ଧରେ ଆଲୋଚନା କଲାବେଳେ ଆସନ୍ତୁ ପିଲାମାନଙ୍କର ହୃଦରୋଗ ଏବଂ ହୃଦଜନିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ସମ୍ପର୍କରେ କିଛି ଜାଣିବା। ହୃତପିଣ୍ଡ ଶରୀରର ଅତି ପ୍ରୟୋଜନୀୟ ଇନ୍ଦ୍ରିୟ ମଧ୍ୟରୁ ଗୋଟିଏ। ଏହା ପମ୍ପିଙ୍ଗ କାର୍ଯ୍ୟ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ଯୋଗାଇଥାଏ। ହୃତପିଣ୍ଡ ସାଧାରଣତଃ ବାମପାଖ ଛାତି ପିଞ୍ଜରାହାଡ଼ ତଳେ ଅବସ୍ଥିତ। ସମୟ ସମୟରେ ଏହା ଡାହାଣ ପାଖ ପିଞ୍ଜରା ହାତ ତଳେ ମଧ୍ୟ ରହିପାରେ। ସେତେବେଳେ ଏହାକୁ 'ଡେକସଟ୍ରୋକାଡ଼ିଆ' କୁହାଯାଏ। ମାଆର ଗର୍ଭାଶୟରେ ଥିବା ଶିଶୁର ବୟସ ୮ ସପ୍ତାହ ବେଳକୁ ହୃତପଣ୍ଡର ପୂର୍ଣ୍ଣ ବିକାଶ ହୋଇଥାଏ। ଗର୍ଭାବସ୍ଥାର ୮ ସପ୍ତାହ ମଧ୍ୟରେ ମାଆ ଯଦି କୌଣସି ଔଷଧ ସେବନ କରିଥାଏ କିମ୍ବା ଭୂତାଣୁ ଦ୍ୱାରା ରୋଗାକ୍ରାନ୍ତ ହୋଇଥାଏ କିମ୍ବା ଏକ୍ସ-ରେ ସଂସ୍ପର୍ଶରେ ଆସିଥାଏ, ତେବେ ହୃତପିଣ୍ଡ ତିଆରି ହେବାରେ ତ୍ରୁଟି ଦେଖା ଦେଇପାରେ।

ହୃତପିଣ୍ଡ ଉପରିଭାଗରେ ଯୋଡ଼ିଏ କୋଠରୀ ଥାଏ, ଯାହାକୁ ବାମ ଏବଂ ଡାହାଣ ଅଳିନ୍ଦ କୁହାଯାଏ। ନିମ୍ନଭାଗରେ ଯୋଡ଼ିଏ କୋଠରୀ ଥାଏ ଯାହାକୁ ଆମେ ବାମ ଏବଂ ଡାହାଣ ନିଳୟ କୁହାଯାଏ। ଶରୀରର ସମସ୍ତ ଅପରିଷ୍କାର ରକତ ସୁପେରିଅର ଏବଂ ଇନଫେରିଅର ଭେନାକାଭା ସାହାଯ୍ୟରେ ଆସି ଡାହାଣ ପାଖ ଅଳିନ୍ଦରେ ପହଞ୍ଚିଥାଏ। ତାପରେ ଏହି ରକ୍ତ ଡାହାଣ ନିଳୟକୁ ଯାଏ। ଏଠାରୁ ରକ୍ତ ପାଲମୋନାରୀ ଧମନୀ ସାହାଯ୍ୟରେ ଫୁସଫୁସକୁ ବିଶୁଦ୍ଧ ହେବାକୁ ଯାଏ। ଫୁସଫୁସରେ ରକ୍ତ ଅକ୍ସିଜେନେଟେଡ୍ ହେବାପରେ ପାଲମୋନାରି ଶିରା ଦ୍ୱାରା ବାମ ଅଳିନ୍ଦକୁ ଆସେ। ଏଠାରୁ ପୁଣି ବାମ ନିଳୟକୁ ଆସି ଏଇ ଏଓଟା ସାହାଯ୍ୟରେ ବିଭିନ୍ନ ଶିରାପ୍ରଶିରାକୁ ପମ୍ପ ହୋଇଥାଏ।


ଏହି ସମସ୍ୟା ଦୁଇ ପ୍ରକାରର। ପ୍ରାଇମେରୀ, ଯାହା ମୁଖ୍ୟତଃ ମେଦବହୁଳତା, ପାରିବାରିକ ଇତିହାସ, ଜିନ୍, ଗର୍ଭାବସ୍ଥାରେ ଧୂମପାନ ହେତୁ ଜନ୍ମ ହୋଇଥିବା ପିଲାମାନଙ୍କର ହୋଇଥାଏ। ସେହିପରି ଦ୍ୱିତୀୟଟି ହେଉଛି ସେକେଣ୍ଡାରୀ ଯେଉଁଥିରେ ଶୋଇବା ସମ୍ବନ୍ଧୀୟ ସମସ୍ୟା, କୁସିଂ ସିଣ୍ଡ୍ରୋମ, କିଡ଼ନୀ କିମ୍ବା ହାଇପରଥାଇଏଡିଜିମ୍ ଆଦି ହୋଇଥାଏ।

ଆସନ୍ତୁ ଲକ୍ଷଣ ସମ୍ବନ୍ଧରେ ଜାଣିବା। ଏହାର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି ପିଲାଟିର ଛାତି ଅସ୍ୱାଭାବିକ ଭାବେ ଧଡ଼ ଧଡ଼ ହେବା, ଛାତି ଯନ୍ତ୍ରଣା ହେବା, ଲଗାତର ମୁଣ୍ଡ ବିନ୍ଧା ଯନ୍ତ୍ରଣା ରହିବା, ଖାଦ୍ୟ ଅରୁଚି ଲାଗିବା, ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ଆଖିକୁ ସଠିକ ଭାବେ ଦେଖା ନଯିବା ପ୍ରମୁଖ। କେତେକ କ୍ଷେତ୍ରରେ ପିଲାଟି ଅସ୍ତବ୍ୟସ୍ତ ହୋଇପଡ଼ି ତାହା ରୁଟିନ ବନ୍ଧା ସର୍ବନିମ୍ନ କାର୍ଯ୍ୟକ୍ରମ କିଛି କରିବାକୁ ସକ୍ଷମ ହୋଇ ନଥାଏ। ତେବେ ଏହି ସମସ୍ୟାରୁ କିପରି ପିଲାଟି ଉପଶମ ପାଇବ ସେ ସମ୍ବନ୍ଧରେ ଜାଣନ୍ତୁ। ପିଲାର ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟ ଉପରେ ଧ୍ୟାନ ଦେବା ଜରୁରୀ। ଖାଦ୍ୟରେ ସୋଡ଼ିୟମର ମାତ୍ରା ସୀମିତ ରଖନ୍ତୁ। ଫାଷ୍ଟଫୁଡ୍ ପିଲାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। କୌଣସି ପରିସ୍ଥିତିରେ ପିଲାକୁ ନିୟମିତ ଭାବେ ଫ୍ରିଜ ଖାଦ୍ୟ, ଥଣ୍ଡା ପାଣି, ବାଶୀ ଖାଦ୍ୟ ପିଲାଟିକୁ ଦିଅନ୍ତୁ ନାହିଁ। ସୁଷମ ଖାଦ୍ୟ ଦିଅନ୍ତୁ, ଏକାଥରକେ ଅତ୍ୟଧିକ ଖାଦ୍ୟ ନ ଦେଇ ଦିନର ବିଭିନ୍ନ ସମୟରେ ଅଳ୍ପ ଅଳ୍ପ ଭାବେ ଖାଦ୍ୟ ଦିଅନ୍ତୁ। ବିଶୁଦ୍ଧ ଫୁଟାପାଣି ପିଇବାକୁ ଦିଅନ୍ତୁ, ତା'ର ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ ଓ ଘରୋଇ ପ୍ରସ୍ତୁତ ଖାଦ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଅନ୍ତୁ। ଆମିଷ ଖାଇବା ପାଇଁ ମନାନାହିଁ କିନ୍ତୁ ଅତ୍ୟଧିକ ଆମିଷ ଦିଅନ୍ତୁ ନାହିଁ କିମ୍ବା ରଙ୍ଗବୋଳା ହୋଇଥିବା ଆକର୍ଷଣୀୟ ବଜାରର ତଥାକଥିତ ଫାଷ୍ଟଫୁଡ୍ ନ ଦେବା ସବୁଠାରୁ ଭଲ।





ପିଲାଟି ବିଶ୍ରାମ ନେଉଥିବା କୋଠରୀରେ ଯେପରି ଉତ୍ତମ ବାୟୁ ଚଳାଚଳ କରୁଥାଏ ସେ ଦିଗଟିକୁ ଦେଖନ୍ତୁ। ପିଲାର ପିନ୍ଧା ବସ୍ତ୍ର ଯେପରି ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହେ ତାକୁ ଗୁରୁତ୍ୱ ଦିଅନ୍ତୁ। ଏବେ ବର୍ଷାଦିନ ଆସିଯାଇଥିବାରୁ ପିଲାଟି ଯେପରି ବର୍ଷାରେ ଅତ୍ୟଧିକ ଭାବେ ତିନ୍ତି ନଯାଏ ସେ ଦିଗକୁ ଅଣହେଳା କରନ୍ତୁ ନାହିଁ କାରଣ ଏହା ହାଇପରଟେନ୍‌ସନ୍ ସମସ୍ୟା ସହ ପିଲାଟିର ଶରୀରରେ ଉତ୍ତାପ ବଢ଼ାଇବା ସହ ଜ୍ୱରର କାରଣ ମଧ୍ୟ ହୋଇଥାଏ। ଦୈନିକ ଏକ୍ସରସାଇଜ୍ ଓ ଯୋଗ କରାନ୍ତୁ। ବୟସ ଅନୁସାରେ ପିଲାର ଓଜନ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଜ୍ଞାତବ୍ୟ କଥା ହେଉଛି କୌଣସି ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର, ବା ସରକାରୀ ସ୍ତରରେ ମେଡ଼ିକାଲ ଯାଇ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ କରିବା ନିହାତି ଜରୁରୀ। ପିଲାଟିକୁ ମାନସିକ ଭାବେ ପ୍ରଫୁଲ୍ଲିତ ରଖନ୍ତୁ ଏବଂ ତା ଭିତରେ ତା'ରୋଗକୁ ନେଇ କୌଣସି ଆକଟ ବା ଭୟ ଦେଖାନ୍ତୁ ନାହିଁ। ପିଲାଟିକୁ ସକରାତ୍ମକ ଭାବେ ଜୀବନ ଜୀଇଁବା ପାଇଁ ଶିକ୍ଷା ଦିଅନ୍ତୁ। ଦେଖିବେ ଏହି ହାଇପରଟେନ୍‌ସନ୍ ସମସ୍ୟା ଜଟିଳ ନହୋଇ ବରଂ ଆରୋଗ୍ୟସାଧ୍ୟ ହୋଇଯିବ ଏବଂ ପିଲାଟି ସ୍ୱାଭାବିକ ଜୀବନ ଯାପନ ନିର୍ବାହ କରିପାରିବ।



**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
ଦୂରଭାଷ : ୯୪୩୭୧୨୪୦୭୪, E-mail : drjyotiranjanchampatray123@gmail.com

# ମହକ
# ଶିକ୍ଷା ଓ ସେବାରେ ଦାନ : ବୁବୁନ୍ ପ୍ରଧାନ




ସ୍ୱାମୀଜୀ ତାଙ୍କ ଲେଖନୀ ମାଧ୍ୟମରେ ଯୁବ ସମାଜକୁ ଅନେକ ପ୍ରେରଣା ଦେଇଛନ୍ତି। ଆଜିର ଯୁବସମାଜ ଶିକ୍ଷା, ସଚେତନତା, ସଂସ୍କାର ଆଉ ବିକାଶ ଦିଗରେ ସାଧନାରତ। ମଣିଷ ନିଜର




ମହତ୍ କର୍ମ ନେଇ ସମାଜରେ ପୂଜା ପାଏ ଯାହାର ଉଦାହରଣ ଆମ ମହାପୁରୁଷଗଣ। ଶିଶୁଟିଏ ଜନ୍ମ ନେବା ପରେ ତାକୁ ନେଇ ପିତାମାତା ଅନେକ ସ୍ୱପ୍ନ ଓ ଅଭିଳାଷ ମନରେ ରଖି ଶିଶୁଟିର ଜୀବନ ସୁନ୍ଦର ପଥରେ ଅଗ୍ରଗାମୀ ହେବା ପାଇ ଆଗକୁ ବାଟ



ଦେଖାନ୍ତି। ଗୋଟିଏ ଛୋଟ ଗାଁରୁ ଜନ୍ମଗ୍ରହଣ କରି ଲୋକଲୋଚନକୁ ଆସିଥିବା ସେଦିନର ସେହି ଶିଶୁଟି ଆଜି ଜଣେ ସମାଜସେବୀ, ଶିକ୍ଷାବିତ୍, ଅନନ୍ୟ ଆଦର୍ଶରେ ପ୍ରତ୍ୟେକ ଯୁବ ସଂଗଠକ ଭାବରେ ନାମକୁ ପରିଚିତ କରାଇପାରିଛନ୍ତି। ବୁବୁନ୍ ପ୍ରଧାନ। ପିତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମାତା ତପସ୍ୱିନୀ ପ୍ରଧାନଙ୍କ କୋଳମଣ୍ଡନ କରି ୧୯୯୭ ମସିହାରେ ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ଝରାବେରେଣୀ ଗ୍ରାମ ପଞ୍ଚାୟତ ଉପକଣ୍ଠ ଖଉଦର୍ ଗ୍ରାମରେ ହୋଇଥିଲେ ଜନ୍ମ। ପିତା ତାଙ୍କର ଆଦର୍ଶ ଶିକ୍ଷକ ଥିବାରୁ ପୁତ୍ରକୁ ସଠିକ୍ ମାର୍ଗରେ ପରିଚାଳିତ କରିବାରେ ସକ୍ଷମ ହୋଇ ପାରିଥିଲେ। ପିଲାଟି ଦିନରୁ ଜନସେବା ପ୍ରତି ତାଙ୍କର ଆଗ୍ରହ, ଦୁଃଖୀ ତଥା ନିସହାୟ ଜନତାଙ୍କ ପ୍ରତି ଦରଦ ଭାବ ହୃଦୟରେ ରଖି ଜଣେ ସେବକ ଭାବେ କାର୍ଯ୍ୟ କରି ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି। ଜବାହରଲାଲ ନେହେରୁ ଯେପରି ଛୋଟ ଶିଶୁଙ୍କୁ ଭଲ ପାଉଥିଲେ ସେଇଭଳି ସେ ମଧ୍ୟ ଛୋଟ ଛୋଟ ଶ୍ରଦ୍ଧା ଦେବା ସହ ସେମାନଙ୍କୁ ମାନବିକତା ଭଳି ଅସାଧାରଣ ଗୁଣ ଶିଖାଉଥିଲେ। ଡିଜିଟାଲ୍ ଯୁଗରେ ସମସ୍ତ ଛାତ୍ରଛାତ୍ରୀ ମଧ୍ୟରେ ଜ୍ଞାନ ବାଣ୍ଟିବା ପାଇ ଇଚ୍ଛା ପ୍ରକାଶ କରି ଅନେକ ସଂଘର୍ଷ କରି ସେମାନଙ୍କୁ ଦେଇପାରିଛନ୍ତି ଅଶେଷ ସୁଯୋଗ। ଝରବେରେଣି ଜି.ପି ମାଟ୍ରିକ ପାସ୍ ପରେ ଜନତା କଲେଜ ବୋଇଣ୍ଡାରୁ ଯୁକ୍ତ ଦୁଇ ବିଜ୍ଞାନ ଓ ଆଠମଲିକ କଲେଜରୁ ସ୍ନାତକ ହାସଲ ପରେ ଏମ୍‌ବିଏ ଶେଷ କରି ୨୦୧୬ ମସିହାରେ ସେ ଅନେକ ସଂଘର୍ଷ ଓ ନିଜ ପ୍ରଚେଷ୍ଟା ବଳରେ ନିଜ କ୍ଷମତା ଅନୁଯାୟୀ ଏକ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରିଛନ୍ତି ଯାହା ଏବେ ଏହା ନାଇସ୍ ଇନଷ୍ଟିଚ୍ୟୁଟ୍ ନାମରେ ପରିଚିତ ଓ ଅନେକ ଛାତ୍ରାଛାତ୍ରୀଙ୍କୁ ଶିକ୍ଷାଦାନ କରି ସୃଷ୍ଟି କରିପାରିଛନ୍ତି ଉଦାହରଣ। ମାତ୍ର ଛଅ ସାତ ଜଣ ବିଦ୍ୟାର୍ଥୀଙ୍କୁ ନେଇ ସେ ଅନୁଷ୍ଠାନ ଆରମ୍ଭ କରି ଅଧୁନା ୧୫୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଜଣେ ସଫଳ ଶିକ୍ଷାବିତ୍ ଭାବେ ସମାଜ ଆଗରେ ପରିଚିତ ହୋଇପାରିଛନ୍ତି। ଡିଜିଟାଲ୍ ଶିକ୍ଷାର ସ୍ୱପ୍ନକୁ ସାକାର କରିବା ପାଇଁ ଅନେକ ଘାତ ପ୍ରତିଘାତ ବା ସଂଘର୍ଷକୁ ଅତିକ୍ରମ କରି ଆଜି ସଫଳତା ସ୍ୱାଦ ଚାଖି ପାରିଛନ୍ତି। ଶିକ୍ଷାଦାନ ଦିଗରେ ସଫଳତା ନେଇ ସେ ଇଣ୍ଟରନ୍ୟାସନାଲ୍ ଏଜୁକେଶନାଲ୍ ଆୱାର୍ଡ ଲାଭ କରିଛନ୍ତି। ସବୁବେଳେ ନିଜର ସାଧନା ବଳରେ କିଛି ନୂତନତ୍ୱ ସୃଷ୍ଟି କରିବାର କଳା ବା ପ୍ରତିଭା ତାଙ୍କ ପାଖରେ ଅଛି ଯାହାକୁ ତାଙ୍କୁ ଆଜି ଭିଡ଼ ଭିତରୁ ସ୍ପଷ୍ଟ ବାରି ହେଇଯାଏ। ଜଣେ ଆଗଧାଡ଼ିର ସ୍ୱେଚ୍ଛାସେବୀ ଭାବେ ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରିବା ସହ ଅନେକ ପୁରସ୍କାର ଓ ପ୍ରମାଣପତ୍ର ଲାଭ କରିଛନ୍ତି। ନିଜର ଜନ୍ମ ଦିନରେ ସେ ନିୟମିତ ରକ୍ତଦାନ ସହ ସେବା କାର୍ଯ୍ୟ କରିଥାନ୍ତି। ଶିକ୍ଷା ନିକେତନର ବିଭିନ୍ନ ପର୍ବପର୍ବାଣୀ ପାଳନ, ପୂଜ୍ୟପୂଜାଙ୍କୁ ସମ୍ମାନ, ରକ୍ତଦାନ ଶିବିର ଆୟୋଜନ ଆଦି କାର୍ଯ୍ୟ କରିଥାନ୍ତି। ସେ ମଧ୍ୟ ଏଯାବତ୍ ନିଜେ ୧୨ ଥର ରକ୍ତଦାନ କରିସାରିଲେଣି। କରୋନ ମହାମାରୀ ସମୟରେ ବିଭିନ୍ନ ସଙ୍ଗଠନ ସହ ମିଶି ମାସ୍କ ବଣ୍ଟନ, ବିଶୋଧନ କାର୍ଯ୍ୟ ଆଦି କରି ଅନେକ ପ୍ରଶଂସା ପାଇଥିଲେ। ଏହି ଯୁବସୁଲଭ ମେଧା ପ୍ରତିଭାଙ୍କ ଗବେଷଣା ହେଉ ସଫଳ ସମାଲକ୍ଷ ଓ ଶୁଭଙ୍କର। ଶିକ୍ଷା ଜଗତ, ସମାଜ ସଂସ୍କାର ଓ ସେବା ଦିଗରେ ସେ ସମସ୍ତଙ୍କର ଆଦର୍ଶ ସାଜନ୍ତୁ ଏତିକି ପ୍ରାର୍ଥନା।



# ସାରା ବିଶ୍ୱରେ ଜଗନ୍ନାଥଙ୍କ ଭୋଗ

ଜଗନ୍ନାଥ ସଂସ୍କୃତି, ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ। ଶ୍ରୀ ଜଗନ୍ନାଥ ହିଁ କେବଳ ସୁପ୍ରସିଦ୍ଧ ଓଡ଼ିଶା ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର। ସେ ଓଡ଼ିଶା ବାସୀଙ୍କ ଦୃଷ୍ଟିରେ ମଦନ ସୁନ୍ଦର ନୁହଁନ୍ତି; କାଳିଆ। ପଦ୍ମଲୋଚନ ନୁହନ୍ତି; ଚକାଡୋଳା। ଚତୁର୍ଭୁଜ ନୁହନ୍ତି; ବଳିଆର ଭୁଜ। ଏ ଦେଶରେ ଶୈବ, ସୌର, ଶାକ୍ତ, ଜୈନ, ବୌଦ୍ଧ, ଗାଣପତ୍ୟ ଓ ବୈଷ୍ଣବ ପ୍ରଭୃତି କେତେକେତେ ଧର୍ମବାଦର ବନ୍ୟା ପ୍ଲାବିତ ହୋଇ କେତେକେତେ ଧର୍ମଗୁରୁ ଓ ମତପ୍ରଚାରକ ଆସି ସ୍ୱସ୍ୱ ମତବାଦ ପ୍ରଚାର କରି ଯାଇଛନ୍ତି, ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରିନାହାନ୍ତି। ଦାରୁକୁ ପଥର କରି ପାରିନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ ପାରିନାହାନ୍ତି କିନ୍ତୁ ଯାହାକିଛି ନୂତନ, ଯାହା କିଛି ଗ୍ରାହ୍ୟବୋଲି ତତ୍କାଳୀନ ଜନତାର ମନରେ ସ୍ୱତଃସିଦ୍ଧ ହୋଇଛି, ସେ ସବୁକୁ ଜଗନ୍ନାଥଙ୍କ ପୂଜାବିଧିରେ ଖଞ୍ଜିଦିଆଯାଇଛି। ଏଣୁ ପ୍ରାଚୀନ ତମ ଧର୍ମୀୟ ପରମ୍ପରାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ। ଦୁଇ ବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତ ଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି ଅଥଚ ନିଜେ ଅଚଳ ଓ ଅଟଳ ଭାବେ ଶ୍ରୀନୀଳ କନ୍ଦରରେ ପତିତପାବନ ବାନା ଉଡାଇ ରତ୍ନସିଂହାସନରେ ବିଜେ କରିଛନ୍ତି।

ଶ୍ରୀମନ୍ଦିରର ବଡୁ ସୁଆର ସେବକ ବିଶ୍ୱନାଥ ସାମନ୍ତରାୟଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମୁତାବକ, ହିନ୍ଦୁମାନଙ୍କ ଚାରିଧାମରୁ ପୁରୁଷୋତ୍ତମ କ୍ଷେତ୍ର ହେଉଛି ଅନ୍ୟତମ। ତତ୍କାଳୀନ ଅଖଣ୍ଡ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ପୁରୀକୁ ତୀର୍ଥରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ସେଠାକାର ରାଜାମାନେ ତାଙ୍କ ଦେଶର ତୀର୍ଥଯାତ୍ରୀଙ୍କ ସୁବିଧା ନିମନ୍ତେ ଏଠାରେ ତୀର୍ଥ ଗୁରୁ ମାନଙ୍କୁ ନିୟୋଜିତ କରୁଥିଲେ। ତୀର୍ଥଯାତ୍ରୀମାନେ ତୀର୍ଥଗୁରୁଙ୍କ ଘରେ ଅଥବା ଡେରା (ତୀର୍ଥଯାତ୍ରୀ ରହିବା ପାଇଁ ପ୍ରସ୍ତୁତ ଘର)ରେ ରହୁଥିଲେ। ତୀର୍ଥ ଗୁରୁମାନେ ସେମାନଙ୍କ ଦର୍ଶନ, ରହଣି ଏବଂ ଖାଦ୍ୟପେୟର ବନ୍ଦୋବସ୍ତ କରୁଥିଲେ। ନିଜ ଦେଶକୁ ଫେରିବା ବେଳେ ପ୍ରତୀକ ସ୍ୱରୂପ ପୁରୀରୁ ୨ଟି ଛଡ଼ି ଏବଂ ଜଗନ୍ନାଥଙ୍କ ଶୁଖିଲା ମହାପ୍ରସାଦ ସାଙ୍ଗରେ ନେଇଯାଉଥିଲେ। ତୀର୍ଥଯାତ୍ରୀ ଫେରିବା ବେଳେ ଅଳ୍ପ କିଛି ଦକ୍ଷିଣା ଦେଇ ଘରକୁ ଆସିଲେ ସମ୍ପୂର୍ଣ୍ଣ ଦକ୍ଷିଣା ଦେବେ ବୋଲି ତୀର୍ଥଗୁରୁଙ୍କୁ କହିଯାଉଥିଲେ। ପଣ୍ଡା ମାନେ ଗୁମାସ୍ତାଙ୍କ ସହ ଜଗନ୍ନାଥଙ୍କ ଶୁଖିଲା ଭୋଗ ଧରି ସେହି ଦେଶକୁ ଯାଇ ବଣ୍ଟନ କରୁଥିଲେ। ଏଥିସହ ଜଗନ୍ନାଥ ଧର୍ମ ଓ ମହିମା ପ୍ରଚାର ପ୍ରସାର କରି ପୁରୀକୁ ଆସିବା ନିମନ୍ତେ ପ୍ରବର୍ତ୍ତାଉଥିଲେ। ଏହି ପରମ୍ପରା ଶହ ଶହ ବର୍ଷ ଧରି ଚାଲି ଆସିଥିବା ପଣ୍ଡାମାନଙ୍କ ଘରେ ଥିବା ଯାତ୍ରୀ ପୁସ୍ତିକାରୁ ଜଣାପଡ଼େ। ବର୍ତ୍ତମାନ ଯୁଗରେ ସେହି ଯାତ୍ରୀମାନଙ୍କୁ ପଣ୍ଡାମାନେ ଆଶୀର୍ବାଦ ସ୍ୱରୂପ ତୁଳସୀ ଏବଂ ଜଗନ୍ନାଥଙ୍କ ଶୁଖିଲା ଭୋଗ ଯାହାକି ଏକମାସ ପର୍ଯ୍ୟନ୍ତ ସଂରକ୍ଷିତ ରହିଥାଏ ଡାକ ଯୋଗେ ପଠାଇ ଆସୁଛନ୍ତି। ଏହିଭୋଗ ପୃଥିବୀର ବିଭିନ୍ନ ଦେଶକୁ ଯାଉଥିଲେ ମଧ୍ୟ ନେପାଳ, ଶ୍ରୀଲଙ୍କା ଓ ସାଉଦିଆରବକୁ ନିୟମିତ ଭାବେ ଯାଉଛି। ଏହାଛଡ଼ା ଭାରତର ପ୍ରତ୍ୟେକ ସହରକୁ ପ୍ରଭୁ ଜଗନ୍ନାଥଙ୍କର ଶୁଖିଲା ଭୋଗ ପଠାଯାଉଛି।

-ଡଃ.ଅରୁନ୍ଧତୀ ଦେବୀ

## ଏଇ ସପ୍ତାହ
### ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୭-୧୩)


ଜୁଲାଇ ୭, ୨୦୦୩- ନାସାର ଅପର୍ଚ୍ଚୁନିଟି ଅନ୍ତରୀକ୍ଷ ଯାନ ମଙ୍ଗଳ ଗ୍ରହ ପାଇଁ ଉଡ଼ାଣ ଭରିଥିଲା।




ଜୁଲାଇ ୮, ୧୭୯୩- ନ୍ୟୁୟର୍କରେ ପୋଲିସ୍ ଡ୍ରେସ୍‌କୁ ମଞ୍ଜୁରୀ ଦିଆଗଲା।




ଜୁଲାଇ ୯, ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସ୍ଥାପନା ହୋଇଥିଲା।




ଜୁଲାଇ ୧୦, ୧୯୬୫- ଗ୍ୱାଲିଅରରେ ମହିଳାମାନଙ୍କ ପାଇଁ ପ୍ରଥମ ଏନ୍‌ସିସି କଲେଜର ସ୍ଥାପନା କରାଯାଇଥିଲା।



ଜୁଲାଇ ୧୧, ୨୦୦୪- ମୁମ୍ବାଇ ଉପନଗରରେ ସାତଟି ରେଳ ବୋମା ବିସ୍ଫୋରଣ ହୋଇଥିଲା।



ଜୁଲାଇ ୧୨, ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଦର୍ଶିତ ହୋଇଥିବା ପ୍ରଥମ ବିଦେଶୀ ଫିଲ୍ମ ଥିଲା।



ଜୁଲାଇ ୧୩, ୧୯୦୮- ଲଣ୍ଡନ ଠାରେ ଚତୁର୍ଥ ଆଧୁନିକ ଅଲିମ୍ପିକ ଖେଳ ଆରମ୍ଭ ହୋଇଥିଲା।



# ଯିଏ ଶ୍ରୀରାମ ସିଏ ଶ୍ରୀଜଗନ୍ନାଥ



ତ୍ରେତୟା ଯୁଗର କଥା । ଭଗବାନ ରାମ ତାଙ୍କର ଲୀଳା ଖେଳା ଶେଷ କରି ପରମ ଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କଲେ । ସାଙ୍ଗରେ ଭାଇମାନଙ୍କ ସହିତ ସୁଗ୍ରୀବ ଓ ବାନର ମାନଙ୍କୁ ନେବାକୁ ନିଶ୍ଚୟ କରି ଜାମ୍ବମାନ, ବିଭୀଷଣ, ହନୁମାନ, ମୈନ୍ଦ, ଦ୍ୱିବିନ୍ଦ - ଏହି ପାଞ୍ଚ ଜଣଙ୍କୁ ମର୍ତ୍ତ୍ୟରେ ଛାଡ଼ି ଦେଇଗଲେ । ସେ ରାକ୍ଷାସଧ୍ୱସ ଲଙ୍କେଶ ବିଭୀଷଣଙ୍କୁ ପାଖକୁ ଡାକି କହିଲେ, ହେ ମହାବଳୀ ରାକ୍ଷାସ ରାଜ ସେତେଦିନ ପର୍ଯ୍ୟନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ତିଷ୍ଠି ରହିଥିବ ଓ ଯେତେଦିନ ପର୍ଯ୍ୟନ୍ତ ସଂସାରରେ ମୋ କଥା ପ୍ରଚଳିତ ଥିବ, ସେତେଦିନ ତୁମେ ରାଜୁତି କରିବ । ଏତିକି କହିସାରି ପୁଣି ସେ କହିଲେ ତୁମକୁ ଆଉ ଗୋଟିଏ କଥା କହିବାକୁ ଚାହୁଁଛି । ଆମ ଇକ୍ଷାକୁ କୁଳର ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଇନ୍ଦ୍ରାଦି ଦେବତାମାନେ ତାଙ୍କୁ ନିରନ୍ତର




ଆରାଧନା କରନ୍ତି । ତୁମେ ବି ସଦାସର୍ବଦା ତାଙ୍କର ପୂଜା କରୁଥିବ । 'ଆରାଧୟ ଜଗନ୍ନାଥଃ ଇକ୍ଷାକୁ କୁଳଦୈବତମ୍, ଆରାଧନୀୟମନିଶଂ ଦେବୈରପି ସଦା ସବୈଃ ।' ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଲଙ୍କାରେ ବିଭୀଷଣ ରାଜୁତି କରିବାକୁ ଲାଗିଲେ । କିନ୍ତୁ ସେ ପ୍ରତିଦିନ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଯାଆନ୍ତି । ସେଥିପାଇଁ ପୁରୀ ଶ୍ରୀମନ୍ଦିର ଉପରି ଭାଗରେ ଦକ୍ଷିଣ ଦିଗକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ଶୋଭା ପାଉଛନ୍ତି । କାରଣ ଲଙ୍କା ରାଜ୍ୟ ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ ।

ହଜାର ହଜାର ବର୍ଷ ପୂର୍ବରୁ ମହର୍ଷି ବାଲ୍ମିକୀ ଯାହା ଲିପିବଦ୍ଧ କରିଯାଇଛନ୍ତି, ଆଜିକାଲି ବି ପୁରୀରେ ଲୋକମୁଖରେ ବିଭୀଷଣ ପ୍ରତିଦିନ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାର ପ୍ରବାଦ ଶୁଣିବାକୁ ମିଳେ । ଏ ବିଷୟରେ ଏଠାରେ ଉତ୍ଥାପନ କରିବାର କାରଣ ହେଉଛି ନୀଳାଚଳନାଥ ନୀଳାଦ୍ରି ବିହାରୀ ନୀଳ ଶୈଳାଧିପତି ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁ । ସେହି ହେଉଛନ୍ତି ଇକ୍ଷାକୁ ସୂର୍ଯ୍ୟକୁଳ ଜାତ ପୁରୁଷୋତ୍ତମ ରାମଚନ୍ଦ୍ର । ସେଥିପାଇଁ ଏ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ ବା ସଂକ୍ଷେପରେ ପୁରୀ କୁହାଯାଏ ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଯୁଗେ ଯୁଗେ ରହି ଆସିଅଛି । ନୀଳାଚଳ ହେଉଛି ପରମାତ୍ମାଙ୍କର ନିତ୍ୟ ଲୀଳାକ୍ଷେତ୍ର । ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରମ ଅବତାରୀ । ସେ ସବୁ ଅବତାର ମଧ୍ୟରେ ଶ୍ରେଷ୍ଠ । ସେ ହିଁ ସକଳ ତତ୍ତ୍ୱର ସକଳ ସତ୍ୟର ସତ୍ୟ ଓ ସକଳ ପ୍ରକାଶର ପ୍ରକାଶ । ନୀଳାଦ୍ରି ବା ପୁରୁଷୋତ୍ତମ ଧାମ ହେଉଛି ତୀର୍ଥସାର । ଜଗନ୍ନାଥ ମହାପ୍ରଭୁ ଓ ରାମଚନ୍ଦ୍ର ଉଭୟ ଇକ୍ଷାକୁ କୁଳ ସଂଭୂତ ହୋଇଥିବାରୁ ତ୍ରେତୟାର ଭଗବାନ ରାମଚନ୍ଦ୍ର ଓ କଳିର ଜଗନ୍ନାଥ ମହାପ୍ରଭୁ ଏକ ଓ ଅଭିନ୍ନ । ଏଥିରେ ସନ୍ଦେହ ନାହିଁ । ଆହୁରି ମଧ୍ୟ ସେତେବେଳେ ରାମଚନ୍ଦ୍ର ପିତୃ ଆଜ୍ଞା ପାଳନ କରି ବନଗମନ କରିଥିଲେ, ସେତେବେଳେ ଆଗରେ ରାମଚନ୍ଦ୍ର, ମଝିରେ ସୀତା ଓ ପଛରେ ଲକ୍ଷ୍ମଣ ଚାଲୁଥିଲେ । ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ଆଗେ ରାମ ଅନୁଜ ପୁନି ପାଛେଁ । ମୁନିବର ବେଷ ବନେ ଅତି କାଛେଁ ।। ଉଭୟ ବୀଚ ଶ୍ରୀ ସେହଇ କୈସସୀ । ବ୍ରହ୍ମ ଜୀବ ବିଚ ମାୟା ଜୈସୀ ।। ମୁନିବେଶ ଧାରଣ କରି ରାମଚନ୍ଦ୍ର ଆଗରେ, ପଛରେ ଲକ୍ଷ୍ମଣ ଓ ମଝିରେ ସୀତା । ସୀତାଙ୍କୁ ଲକ୍ଷ୍ୟ କରି ତୁଳସୀ ଦାସ କହିଛନ୍ତି - ବ୍ରହ୍ମ ଓ ଜୀବ ମଧ୍ୟରେ ସୀତା ଶୋଭା ପାଉଛନ୍ତି । ଶକ୍ତି ରୂପିଣୀ ସୀତା ମାୟା ରୂପରେ ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରୁଛନ୍ତି । ସାଧାରଣତଃ ମାୟା ଦୁଇ ପ୍ରକାର, ବିଦ୍ୟା ମାୟା ଓ ଅବିଦ୍ୟା ମାୟା । ବିଦ୍ୟା ମାୟାକୁ ମଧ୍ୟ ଯୋଗମାୟା କୁହାଯାଏ । ବିଦ୍ୟା ମାୟା ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରି ଜୀବକୁ ଭଗବତମୁଖୀ କରାଏ । ଅପର ପକ୍ଷରେ ଅବିଦ୍ୟା ମାୟା । ଜୀବକୁ ଭଗବାନ ଠାରୁ ଦୂରେଇ ଦେଇ ତାକୁ ବିଷୟାଭିମୁଖୀ କରାଏ । କିନ୍ତୁ ଏ କ୍ଷେତ୍ରରେ ସୀତା ହେଉଛନ୍ତି ବିଦ୍ୟା ମାୟା । ଏହି ଦୃଷ୍ଟିରୁ ଆମେ ଯଦି ରତ୍ନ ସିଂହାସନ ଉପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ୟ କରିବା ତାହାହେଲେ ଜାଣି ପାରିବା ଜଗନ୍ନାଥ ଓ ବଳଭଦ୍ର ମଧ୍ୟରେ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ମାତା ଅଧିଷ୍ଠିତା । ସେ ହେଉଛନ୍ତି ଜୀବ ଓ ବ୍ରହ୍ମ ମଧ୍ୟରେ ସଂଯୋଗକାରଣୀ ଆଦିଶକ୍ତି ।


ଶ୍ରୀମନ୍ଦିରକୁ ପ୍ରବେଶ କଲାବେଳେ କୁରୁମ ବେଢ଼ା ଦୁଆର ଉପରେ ରାମ ତିଳକ ଶୋଭ ପାଉଛି । ଏହା ବ୍ୟତୀତ ପ୍ରଧାନ ମନ୍ଦିର ଉପରେ ଦଧିନଉତି ପାଖରେ ପୂର୍ବ ଦିଗକୁ ମଧ୍ୟ ରାମ ତିଳକ ଦେଖିବାକୁ ମିଳେ । ଏହି ସଂକେତରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଜଗନ୍ନାଥ ମହାପ୍ରଭୁ ହିଁ ସ୍ୱୟଂ ରାମଚନ୍ଦ୍ର ଭଗବାନ । ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁ, ସ୍ୱାମୀ ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ଅବତାର ରୂପରେ ଗ୍ରହଣ କରିଥିଲେ । ସେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ପରିପୂର୍ଣ୍ଣ ମୂର୍ତ୍ତି ରୂପେ ପରିକଳ୍ପନା କରିଥିଲେ । ୧୪ଶ ଶତାବ୍ଦୀରେ ରାମାନନ୍ଦ ମଧ୍ୟ ରାମଙ୍କୁ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଥିଲେ । ସେ ଜଗନ୍ନାଥଙ୍କ ମଧ୍ୟରେ ରାମଙ୍କୁ ଦର୍ଶନ କରିଥିଲେ । ୧୫ଶ ଶତାବ୍ଦୀରେ ଶେଷ ଭାଗରେ ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ପଞ୍ଚସଖା ମଧ୍ୟରୁ ଅନ୍ୟତମ ବଳରାମ ଦାସ ଜଗନ୍ନାଥଙ୍କ ଠାରେ ରାମଙ୍କୁ କଳ୍ପନା କରି ଶ୍ରୀମନ୍ଦିରସ୍ଥିତ ଜଗମୋହନ ମଣ୍ଡପରେ ଦାଣ୍ଡି ବୃତ୍ତରେ ରାମାୟଣ ରଚନା କରିଥିଲେ । ଏହାକୁ ଜଗମୋହନ ରାମାୟଣ କୁହାଯାଏ । ୧୬ଶ ଶତାବ୍ଦୀରେ ସନ୍ଥ ତୁଳସୀ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ରାମଚନ୍ଦ୍ରଙ୍କ ଅବତାର ମନେକରି ଦର୍ଶନ କରିବାକୁ ଚାଲି ଚାଲି ପୁରୀ ଆସିଥିଲେ । ସେ ପୁରୀରେ ପହଞ୍ଚି ପାଣି ପାଦହୀନ ବିକୃତ ଜଗନ୍ନାଥ ରୂପକୁ ଦେଖି ତାଙ୍କ ମନରେ ବିକାର ଉଦୟ ହେଲା । ତାଙ୍କର ସନ୍ଥ ପଥ ଶ୍ରମ ବୃଥା ହେଲା ଭାବି ମନସ୍ତାପରେ ଫେରିଯାଇ ତୁଳସୀ ଚଉଁରା ଗ୍ରାମ (ପୁରୀ ନିକଟବର୍ତ୍ତୀ)ରେ ଥିବା ଗୋଟିଏ ଚଉତରା ଉପରେ ରାତ୍ରୀଯାପନ କଲେ । ଅଖିଆ ଅପିଆ ସେ ଦିନ ରାତି ଅଧରେ ସିଏ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଜଣେ କିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ବେତ ବାଡ଼ିରେ କେଞ୍ଚି ଉଠାଇଲା । ତାଙ୍କ



ପାଖରୁ ସବୁ ବିବରଣୀ ଶୁଣି ତୁଳସୀ ଦାସଙ୍କୁ କହିଲେ ବାବୁ ! ଏହା ନୀଳାଚଳ ଧାମ । ଏଠି ଭୋକ ଓପାସରେ କେହି ରହନ୍ତି ନାହିଁ । ପ୍ରଭୁଙ୍କ ଆନନ୍ଦ ବଜାର ସବୁବେଳେ ଖୋଲା । ଜଗନ୍ନାଥ ମହାପ୍ରଭୁଙ୍କ ଦୁଆର ସାହାଣ ମେଲା । ତୁମେ ମୋ କଥା ମାନି ପୁରୀ ଫେରିଯାଅ ମହାପ୍ରସାଦ ଗଣ୍ଡିଏ ଖାଇଦେବ । ସକାଳୁ ସକାଳୁ ନୀଳାଦ୍ରି ବିବହାରୀ ନୀଳାଚଳ ନାଥଙ୍କୁ ଦର୍ଶନ କଲେ ତୁମର ମନସ୍କାମନା ପୂର୍ଣ୍ଣ ହେବ ।

ତୁଳସୀ ଦାସଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ନିଦରୁ ଉଠି ଚାରି ଆଡ଼କୁ ଅନେଇଲେ । ପାଖରେ କାହାକୁ ଦେଖିବାକୁ ପାଇଲେ ନାହିଁ । ବିଶ୍ୱାସ ଓ ଅର୍ଦ୍ଧବିଶ୍ୱାସରେ ସେ ଭୋରୁ ଭୋରୁ ଶ୍ରୀମନ୍ଦିର ଆଡ଼େ ପାଦ ବଢ଼ାଇଲେ । ଚୁମ୍ବକ ଟାଣିଲା ପରି ପାଦ ଆଗକୁ ଚାଲିଥାଏ । ମନ୍ଦିରରେ ମଙ୍ଗଳ ଆରତୀ ଚାଲିଛି - ଘଣ୍ଟାଧ୍ୱନି, କାହାଳୀ ତୁରୀ । ତୁଳସୀ ଦାସ ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ରତ୍ନ ସିଂହାସନକୁ ଦୃଷ୍ଟିପାତ କଲେ । ସେ ଦେଖିଲେ ନବ ନୀରଦ ବପୁଧାରୀ ଧନୁର୍ଦ୍ଧାରୀ ରାମ ରତ୍ନ ସିଂହାସନ ଉପରେ ଠିଆ ହୋଇ ହସୁଛନ୍ତି । ତାଙ୍କ ପାଖରେ ଜାନକୀ ଓ ଅନୁଜ ଲକ୍ଷ୍ମଣ । ଭକ୍ତ ବତ୍ସଳ ଭଗବାନ ଭକ୍ତିର ଅଳି ରଖିଲେ । ଆନନ୍ଦରେ ତୁଳସୀଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ଭଗବାନ ଭାବଗ୍ରାହୀ । ଭକ୍ତର ଭାବ ଅନୁସାରେ ସେ ରୂପ ଧାରଣ କରନ୍ତି । ଗୀତାରେ ଭଗବାନ କହିଛନ୍ତି - ଯେ ଯଥା ଯାଂ ତାଂସ୍ତଥୈବ ଭଜାମ୍ୟହମ । ଅତଏବ ତ୍ରେତୟାର ଭଗବାନ ରାମ ଓ କଳିର ନୀଳାଦ୍ରି ବିହାରୀ ନୀଳାଚଳ ନାଥ, ନୀଳମଣି, ନୀଳମାଧବ, ଜଗନ୍ନାଥ ମହାପ୍ରଭୁଙ୍କ ଭଗବାନ ରାମ ରୂପରେ ଦର୍ଶନ କଲାପରେ ସନ୍ଥ ତୁଳସୀ ଦାସ ଏତେ ଦୂର ପ୍ରଭାବିତ ହୋଇଯାଇଥିଲେ ଯେ ସେ ପରବର୍ତ୍ତୀ କାଳରେ ଯେତେବେଳେ ରାମ ରଚିତ ମାନସ ରଚନା କଲେ, ସେତେବେଳେ ରାମଚନ୍ଦ୍ରଙ୍କ ରୂପ ବର୍ଣ୍ଣନା କରି ଲେଖିଛନ୍ତି - 'ନୀଳ ସରୋରୁହ ନୀଳମଣି ନୀଳ ନୀରଧର ଶ୍ୟାମ' ଏହିଥିରୁ ସ୍ପଷ୍ଟ ସ୍ଫୁରିତ ହୁଏ, ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କର ସ୍ୱରୂପ ନୀଳ କେନ୍ଦ୍ରିକ ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**
**ଶିଖରପୁର ଉପରସାହି, କଟକ**



# ଓଡ଼ିଶାର ଶିଳ୍ପାୟନ

—— ବାଦଲ ଭୂୟାଁ ——

ଓଡ଼ିଶାରେ ନୂଆ ଡବଲ ଇଞ୍ଜିନ ସରକାର ରାଜ୍ୟ ପାଇଁ ନାନା ବିକାଶର ଢ଼େର ସମ୍ଭାବନା ସୃଷ୍ଟି କରିଛି। ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଆହୁରି ଆଗେଇବାକୁ ଏକ ରକମର ମଞ୍ଚ ପ୍ରସ୍ତୁତ ହୋଇସାରିଛି। ବାହାରର ନାମିଦାମୀ ଓ ବିଶ୍ୱ ପ୍ରସିଦ୍ଧ ଶିଳ୍ପ ଟାଇକୁଣ୍ଡମାନେ ରାଜ୍ୟରେ ବଡ଼ ବଡ଼ ଉଦ୍ୟୋଗ ତିଆରି ପାଇଁ ଆଗ୍ରହୀ। ରାଜ୍ୟର ଆଗାମୀ ପୂର୍ଣ୍ଣାଙ୍ଗ ବଜେଟରେ ଦଳ ନିର୍ବାଚନୀ ଇସ୍ତାହାରର ଘୋଷଣାନାମାକୁ ବାସ୍ତବ ରୂପାୟନ କରିବାର ସମ୍ଭାବନା ରହିବା ସ୍ୱାଭାବିକ। ଚାଷବାସ କ୍ଷେତ୍ର ଠାରୁ ମହିଳା ସଶକ୍ତିକରଣ, ସଡ଼କ ଭିତ୍ତିଭୂମି ଠାରୁ ଉପକୂଳ ଅର୍ଥନୀତି, ଗମନା ଗମନ କ୍ଷେତ୍ରର ଦୃଢ଼ ଉନ୍ନତ ପ୍ରସସ୍ଥି କରଣ ସହ ଓଡ଼ିଶାରେ ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏହିପରି ଅନେକ ବଡ଼ ଆହ୍ୱାନକୁ ସାମ୍ନା କରିବାକୁ ପାଇଁ ଯାଉଛନ୍ତି ଓଡ଼ିଶା ସରକାର।

ସମୃଦ୍ଧ ଓଡ଼ିଶା, ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ପ୍ରଗତିର ଓଡ଼ିଶାରେ ବିଶେଷକରି ରାଜ୍ୟରେ ଖଣିଜ ସମ୍ପଦର ଭରପୂର ଉପଯୋଗକରି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ସ୍ୱତନ୍ତ୍ରତା ରହିଛି ତାହା ହିଁ ଓଡ଼ିଶା ପ୍ରତି ଶିଳ୍ପପତିଙ୍କ ଆକର୍ଷଣର କାରଣ। ଏମିତିରେ ଇସ୍ପାତ କାରଖାନା କ୍ଷେତ୍ରରେ ରାଜ୍ୟରେ ସୁପ୍ରସିଦ୍ଧ ଖ୍ୟାତନାମା ଟାଟା ଷ୍ଟିଲ ଠାରୁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ସେଲ୍ ଠାରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ନିଜର ଭିତ୍ତିଭୂମି ଦୃଢ଼ କରିପାରିଛନ୍ତି। ଏମାନଙ୍କ ବ୍ୟତୀତ ଢ଼େର ଛୋଟବଡ଼ ଓ ବିଶେଷକରି ମଧ୍ୟମ ଧରଣର ଇସ୍ପାତ କାରଖାନା ମଧ୍ୟ ଓଡ଼ିଶାରେ ରହିଛି। ଏହାପରେ ନଜରକୁ ଲକ୍ଷ୍ମୀ ଏନ ମିତ୍ତଲଙ୍କ କମ୍ପାନୀ ଆର୍ସେଲର ମିତ୍ତଲ, ନିପନ ଷ୍ଟିଲ ଓ ସର୍ଜନ ଜିନ୍ଦଲଙ୍କ କମ୍ପାନୀ ଜେ.ଏସ.ଡବ୍ଲ୍ୟୁ ଷ୍ଟିଲ ରାଜ୍ୟରେ ଦୁଇଟି ବଡ଼ ବଡ଼ ଇସ୍ପାତ କାରଖାନା ସ୍ଥାପନ ପାଇଁ ମନସ୍ଥ କରିସାରିଛନ୍ତି। ସେହିପରି ଦେଶର ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନି ମଧ୍ୟ ରାଜ୍ୟରେ ଏକ ଆଲୁମିନିୟମ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଏଏମ୍ଏନ୍ଏସ୍ ୩୮ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯାଉଛି। ସେହିପରି ଜେଏସଡବ୍ଲ୍ୟୁ ଷ୍ଟିଲ ମଧ୍ୟ ରାଜ୍ୟରେ ୬୫୦୦୦ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ। ଦକ୍ଷିଣ କୋରିଆର ଇସ୍ପାତ କମ୍ପାନୀ ପୋସ୍କୋ ଲାଗି ଅଧିଗ୍ରହଣ କରାଯାଇଥିବା ଜମିରେ ଏହି କାରଖାନା ସ୍ଥାପନ ହେବ। ଯେହେତୁ ଇତି ମଧ୍ୟରେ ରାଜ୍ୟରେ କୌଣସି ବଡ଼ ଇସ୍ପାତ କାରଖାନା ନିର୍ମାଣ ହୋଇନାହିଁ, ତେଣୁ ଏହି ଦୁଇ ପ୍ରକଳ୍ପ ରାଜ୍ୟର ନିବେଶ ଅନୁକୂଳ ପରିବେଶ ପାଇଁ ଏକ ପରୀକ୍ଷା ସଦୃଶ ହେବ। ପୋସ୍କୋ ଚାଲିଯିବା ପରେ ରାଜ୍ୟର ଭାବମୂର୍ତ୍ତିରେ ଯେଉଁ ଦାଗ ଲାଗିଛି ତାହାକୁ ଲିଭାଇବାରେ ଏହି ଦୁଇ ପ୍ରକଳ୍ପ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ଆଶା କରାଯାଉଛି। ଆଦାନି ଗ୍ରୁପ ପକ୍ଷରୁ ରାୟଗଡ଼ାର କାଶିପୁରରେ ୪୧୬୫୩ କୋଟି ଟଙ୍କା ନିବେଶରେ ଏକ ୪ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଆଲୁମିନା ରିଫାଇନାରି ଓ ୧୭୫ ମେଗାୱାଟର ଏକ କ୍ୟାପଟିଭ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା ରଖିଛି। ଏହି ପ୍ରକଳ୍ପରେ କମ୍ପାନୀ ୪୧୬୫୩ କୋଟି ଟଙ୍କା ନିବେଶ କରିବ। ଓଡ଼ିଶା ଏକ ମାନୁଫାକଚରିଂ ହବ୍ ଭାବେ ଉଭା ହେବା ଲାଗି ଲକ୍ଷ୍ୟ ରଖିଥିବାବେଳେ ପାରମ୍ପରିକ ଖଣି ଓ ଧାତବ ଶିଳ୍ପରୁ ଆଗକୁ ବଢ଼ି ପ୍ରତିରକ୍ଷା ଓ ଏରୋସ୍ପେସ ଉପକରଣ ନିର୍ମାତା, ଇଲେକ୍ଟ୍ରିକ ଯାନ କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିପାରିଛି। କଲ୍ୟାଣୀ ଷ୍ଟିଲ ଲିମିଟେଡ ଢ଼େଙ୍କାନାଳର ଗଜମରାରେ ୨୬ ହଜାର କୋଟି ଟଙ୍କା ନିବେଶରେ ଏକ ଏରୋସ୍ପେସ ଉପକରଣ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛି। ସେହିପରି ଜେଏସଡବ୍ଲ୍ୟୁ ଗ୍ରୁପ ପକ୍ଷରୁ ରାଜ୍ୟରେ ୪୦ ହଜାର କୋଟି ଟଙ୍କା ନିବେଶରେ ଏକ ଇଲେକ୍ଟ୍ରିକ ଯାନ ଓ ବ୍ୟାଟେରି ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଘୋଷଣା କରାଯାଇଛି।

ରାଜପଥ ବିଭାଗର ମନ୍ତ୍ରୀ ନିତିନୀ ଗଡ଼କରୀ ରାଜ୍ୟର ଅନେକ ପ୍ରକଳ୍ପ ସମ୍ପର୍କରେ ରାଜ୍ୟବାସୀଙ୍କୁ ତାଙ୍କ ସଂକଳ୍ପନାମାରେ ସୂଚନା ଦେଇଥିଲେ। ଏହା ଭିତରେ ଗୋପାଳପୁର-ସାତପଡ଼ା ଦୁଇ ଲେନ ରାସ୍ତା, ପାରାଦ୍ୱୀପରେ ଦୁଇଶହ କୋଟି ଟଙ୍କା ବ୍ୟୟରେ ନୂଆ ବିମାନ ବନ୍ଦର ନିର୍ମାଣ, ରତନପୁର-ଦିଘା ଶହେ ଏକସ୍ତରୀ କିଲୋମଟର ଲମ୍ବ ବିଶିଷ୍ଟ ଛଅଲେନ ରାସ୍ତା, ଆଠ ହଜାର ପାଞ୍ଚଶହ କୋଟି ଟଙ୍କାରେ ରାମେଶ୍ୱରରୁ ପୁରୀ, କୋଣାର୍କ, ପାରାଦ୍ୱୀପ ଓ ରତନପୁର ପର୍ଯ୍ୟନ୍ତ ଶହେ ସତସ୍ତରୀ କିଲୋମିଟର ଲମ୍ବ ଚାରିଲେନ ରାସ୍ତା, ଜାମୁଝାଡ଼ି ଠାରୁ ଧାମରା ବନ୍ଦର ପର୍ଯ୍ୟନ୍ତ ୨ ହଜାର କୋଟିରେ ୬୫ କିଲୋମିଟର ଲମ୍ବ ଚାରିଲେନ ରାସ୍ତା ନିର୍ମାଣ ରାସ୍ତା, ୨୩୭୦ କୋଟି ଟଙ୍କା ବିନିମୟରେ କଟକରୁ ପାରାଦ୍ୱୀପ ବନ୍ଦରକୁ ୮୭ କିଲୋମିଟର ଲମ୍ବ ଚାରିଲେନ ରାସ୍ତା, ୬ ହଜାର ୨୫୩ କୋଟି ଟଙ୍କାରେ ଭୁବନେଶ୍ୱରରେ ୧୧୧ କିମିର ୬ ଲେନ ବିଶିଷ୍ଟ ରିଂରୋଡ୍ ପରି ପ୍ରକଳ୍ପ ଗୁଡ଼ିକ ରହିଛି।




ଅନେକ ହୁଏତ ଜାଣିନଥିବେ ଭାରତର ଅଧା ଖଣିଜ ପଦାର୍ଥ କେବଳ ଓଡ଼ିଶାରୁ ହିଁ ଉତ୍ପାଦିତ ହୋଇଥାଏ। ୨୦୧୯-୨୦ର ଆର୍ଥିକ ବର୍ଷକୁ ଦେଖିଲେ ଏହି ଉତ୍ପାଦନ ଥିଲା ୪୩%। ୨୦୨୨ର ସର୍ବଶେଷ ତଥ୍ୟ ଅନୁଯାୟୀ ବିଗତ ଛଅଟି ଆର୍ଥିକ ବର୍ଷରେ ଇଣ୍ଡିଆ ରେଟିଙ୍ଗସ୍‌ର ପରିସଂଖ୍ୟନ ତଥ୍ୟ ଅନୁଯାୟୀ ଏହା ଦ୍ୱିଗୁଣିତ ହୋଇଛି। ଓଡ଼ିଶା ସହିତ ମଧ୍ୟପ୍ରଦେଶ ଏହି ସମାନ

୧.୫୧ ଲକ୍ଷ ଟଙ୍କା ହୋଇଛି। ବାର୍ଷିକ ୧୧.୮୪ ପ୍ରତିଶତ ହାରରେ ମୁଣ୍ଡପିଛା ଆୟରେ ବୃଦ୍ଧି ହୋଇଛି ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନମି ତଥ୍ୟରୁ ଜଣାପଡ଼ିଛି। ନୀତି ଆୟୋଗର ଏକ ରିର୍ପୋଟ ଅନୁସାରେ ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ପାଞ୍ଚ ବର୍ଷ ଭିତରେ ରାଜ୍ୟରେ ୬୨ ଲକ୍ଷରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଛନ୍ତି। ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି। ଏଭଳି ସ୍ଥିତିରେ ଥିବା ଏହି ରାଜ୍ୟକୁ ଆହୁରି ଉପରକୁ ନେଇ ପୂର୍ବ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାର ସୁଯୋଗ ନୂଆ ସରକାରଙ୍କ ପାଖରେ ରହିଛି।

ଓଡ଼ିଶାରେ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଓଡ଼ିଶାରେ ରହିଥିବା ବିପୁଳ ପ୍ରାକୃତିକ ସମ୍ପଦ ପାଇଁ ଉପକୂଳ ଅର୍ଥନୀତିକୁ ସମୃଦ୍ଧ ପାଇଁ ସେ ନିଶ୍ଚିନ୍ତ କାର୍ଯ୍ୟକରିବେ। ରାଜ୍ୟରେ ଥିବା ସୁବିସ୍ତୃତ ବେଳାଭୂମିରୁ ଲାଭ ଓଡ଼ିଶା ପାଇବ ଏବଂ ଓଡ଼ିଶାରେ ସାଗରମାଳା ପ୍ରକଳ୍ପ ଆହୁରି ବେଗବାନ ହେବ। ପୂର୍ବରୁ ମତ୍ସ୍ୟ ଚାଷୀଙ୍କୁ କିଶାନ କ୍ରେଡିଟ୍ କାର୍ଡ଼ ଓ ବୋଟ୍‌ର ଆଧୁନୀକରଣ ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ର ବ୍ୟବସ୍ଥା କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରଣାଳୟ ଜରିଆରେ ବଣ୍ଟନ କରାଯାଉଛି। ଏଥିରେ ରାଜ୍ୟର ମତ୍ସ୍ୟଚାଷୀ ଉପକୃତ ହେବାସହ କୋଷ୍ଟାଲ ସର୍କିଟ ସ୍କିମ୍ ଅଧୀନରେ ରାଜ୍ୟ ଲାଭବାନ ହେବ। ସେ ସମୟରେ ମୋଦିଜୀ ଓଡ଼ିଶାର ଲୋକମାନେ ପ୍ରାକୃତିକ ସମ୍ପଦରେ ଭରପୁର ଥାଇ ମଧ୍ୟ ଏବେ ବି ଗରିବ ହୋଇ ରହିଥିବାରୁ ବିଜେପି ସରକାର ଏମାନଙ୍କ ସ୍ଥିତି ବଦଳାଇବା ପାଇଁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଳନର ସମୟ ପହଞ୍ଚିଛି। ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ବାଚନ ସାମ୍ନା କରୁଥିବା ବର୍ଷର ପୁରୁଣା ସରକାର ଅନ୍ତରଣୀୟ ବଜେଟ ରଖିଥାନ୍ତି। ତେଣୁ ଏ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବଜେଟ ଘୋଷଣା କରିଛନ୍ତି ଯେଉଁଥିରେ ନୂଆ ସରକାର ଶାସନଭାରର ଦାୟିତ୍ୱ ନେବା ପର୍ଯ୍ୟନ୍ତ ପାଣ୍ଠିର ବ୍ୟବସ୍ଥା ହୋଇଛି। ନୂଆ ସରକାର ଗଠନ ହେବାକୁ ଯାଉଥିବାରୁ ଖୁବ ଶୀଘ୍ର ଉଭୟ କେନ୍ଦ୍ର ଓ ରାଜ୍ୟରେ ପୂର୍ଣ୍ଣାଙ୍ଗ ବଜେଟ ଆସିବ। ସେଥିରେ ଆର୍ଥିକ ବର୍ଷ ୨୦୨୪-୨୫ ବର୍ଷ ସାରା ପାଇଁ ବ୍ୟୟ ବରାଦ ରହିବ। ଚଳିତ ବର୍ଷ ଫେବୃଆରୀରେ ଓଡ଼ିଶା ସରକାର ୧.୧୮ ଲକ୍ଷ କୋଟି ଟଙ୍କା କାମଚଳା ବଜେଟ ଉପସ୍ଥାପନ କରିଥିଲେ। ମହିଳା, ଯୁବପିଢ଼ି ଓ ସମାଜର ଗରିବ ଲୋକମାନଙ୍କୁ ସଶକ୍ତ କରିବା ଲାଗି ବଜେଟରେ ଗୁରୁତ୍ୱ ଦିଆଯାଇଥିଲା। ୫ଟି ମନ୍ତ୍ର ଆଧାରରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ଲାଗି ୪୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ସେଥିରେ ରାଜ୍ୟର ଅଭିବୃଦ୍ଧି ୭.୨୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଥିଲା। ନୂଆ ସରକାର ଯେଉଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବେ ସେଥିରେ ନିର୍ବାଚନ ସମୟ ପ୍ରତିଶ୍ରୁତିର ପ୍ରତିଫଳନ ରହିବ। ବିଜେପି ପକ୍ଷରୁ ନିର୍ବାଚନ ଇସ୍ତାହାରରେ ୨.୧୫ ଲକ୍ଷ ସରକାରୀ ପଦ ପୂରଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲା। ଏଥି ସହିତ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତାହାର ପ୍ରତିଫଳନ ରାଜ୍ୟ ବଜେଟରେ ରହିବ। ଧାନ ପାଇଁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଦେବାର ପ୍ରତିଶ୍ରୁତିକୁ ଯଦି ବିଜେପି ପାଳନ କରିବ ତେବେ ରାଜ୍ୟର ଚାଷୀ ବର୍ଗ ଉପକୃତ ହେବେ। କେନ୍ଦ୍ରର ଆୟୁଷ୍ମାନ ଭାରତ, ପିଏମ କିଷାନ ସମ୍ମାନ ନିଧି ଲାଗି ଅଧିକ ବ୍ୟୟ ବରାଦ କରାଯିବ। ନୂଆ ଅଭିବୃଦ୍ଧି ଓ ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଢ଼େର ଆଶା, ଇଚ୍ଛା ଓ ସଂକଳ୍ପ ରଖିବା ସ୍ୱାଭାବିକ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,**
**ଦୂରଭାଷ : ୭୪୮୮୯୯୮୫୩୨**




ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ମା'ତାରିଣୀ ମୋତେ ବଞ୍ଚେଇ ଦେଲେ

## -ରାମ ନାୟକ



ମା' ଯାହାକୁ ସାହା, ତାକୁ କିଏ ବା ଅଟକେଇପାରିବ ? ସେମିତି ଏକ ଅନୁଭୂତି ମୋ ଜୀବନରେ ଅଛି। ମୁଁ ସେତେବେଳକୁ ତାରିଣୀ ଗଣନାଟ୍ୟରେ ଥିଲି। ପାର୍ଟି ଆନନ୍ଦପୁରରୁ ଯାତ୍ରା ସାରି ପାରିକୁଦ, ମାଲୁଦକୁ ସିଫ୍ଟିଂ ହେଉଥାଏ। ମୋ ଘର ଭଦ୍ରକ କାରଣରୁ ମୁଁ ପାର୍ଟି ବସ୍‌ରେ ନଯାଇ ଘରକୁ ଚାଲିଯାଇଥିଲି। ଆମ ଗାଁରେ ସ୍ନାନ ପୂର୍ଣ୍ଣିମା ପାଇଁ ଜଗନ୍ନାଥ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମ ହେଉଥାଏ। ମୁଁ ଭାବିଲି ପରେ ଯିବି ଓ ରାତିରେ ନାଟକ ହେବା ପୂର୍ବରୁ ଯାଇ ପହଞ୍ଚି ଯିବି। ଦିନରେ ଗାଁରେ ରହି ପାର୍ଟି ପାଖକୁ ଟ୍ରେନ୍‌ରେ ଫେରୁଥାଏ। ମୋର ହୁମା ଷ୍ଟେସନରେ ଓହ୍ଲାଇବା କଥା। କିନ୍ତୁ କିଛି ଲୋକ କହିଲେ ସେ ଷ୍ଟେସନରେ ଗାଡ଼ି ରହିବନି, ଏଣୁ ମୁଁ ଖଲ୍ଲିକୋଟରେ ଓହ୍ଲେଇ ଜାତୀୟ ରାଜପଥକୁ ବସ୍ ଆଶାରେ ଯାଉଥାଏ। ସେତେବେଳକୁ ୯.୩୦ରୁ ଅଧିକ ହେଲାଣି। ସ୍ନାନପୂର୍ଣ୍ଣିମା ପାଇଁ କୌଣସି ପାସେଞ୍ଜର ଗାଡ଼ି ମିଳୁ ନଥାଏ କି ରିଜର୍ଭ ଗାଡ଼ି ମୋତେ ଉଠାଉ ନଥାନ୍ତି। ସେମିତି ଛିଡ଼ା ହୋଇଥାଏ। ରାତି ୧୧ରୁ ଅଧିକ, ସମୟ ଗଡ଼ିଗଡ଼ି ଚାଲିଥାଏ। ସେତେବେଳେ ତାରିଣୀର 'ମଙ୍ଗଳସୂତ୍ର' ନାଟକ ବହୁତ ଡିମାଣ୍ଡ ଥାଏ। ମୋର ଭୂମିକା ମଧ୍ୟ ସେଥିରେ ଅନେକ ଥାଏ। ଏଣୁ ମୁଁ ଅନୁପସ୍ଥିତ ରହିଲେ, ମୋ ଜାଗାରେ ଆଉ କେହି କାମ ଚଳେଇ ପାରିବେ ନାହିଁ। ଯେନତେନ ପ୍ରକାରେ ମୋର ପହଞ୍ଚିବା ଦରକାର। ମୁଁ ଯେଉଁ ଜାଗାରେ ଓହ୍ଲାଇଥାଏ, ସେଠାରୁ ଯାତ୍ରା ଆହୁରି ୨୬କିମିର ରାସ୍ତା। ଦେଖିଲି ଏମ୍‌ଭିଆଇ ରାସ୍ତାରେ ଚେକିଂ କରୁଛନ୍ତି। ମୋ ପିଇସା ବି ପୂର୍ବରୁ ଜଣେ ଏମ୍‌ଭିଆଇ ଥିଲେ। ତାଙ୍କ ପରିଚୟ ଦେଇ ସାହାଯ୍ୟ ମାଗିବା ପରେ ସେ ଗୋଟେ ରିଜର୍ଭ ବସ୍‌କୁ ଅଟକାଇ ମୋତେ ସେ ବସ୍‌ରେ ଚଢ଼େଇ ଦେଲେ। ସେତେବେଳକୁ ରାତି ଗୋଟାଏ, ଯେଉଁ ସମୟରେ କି ନାଟକ ଆରମ୍ଭ ହେବା କଥା। ମୁଁ ମନ ଭିତରେ ବହୁତ ଡ଼ରି ଯାଇଥାଏ। ଛାତି ଖାଲି ଧଡ଼ଧଡ଼ ହେଉଥାଏ। ଏମିତି ହେଲା ବସ୍ ବି ବାଟରେ ରମ୍ଭା ଘାଟି ପାଖରେ ଯାତ୍ରୀ ଶୌଚ ହେବା ପାଇଁ ଅଟକିଲା। ମୋର ହୃତସ୍ପନ୍ଦନ ଆହୁରି ବଢ଼ିଗଲା। ଏଣେ ବିଳମ୍ବକୁ ବସ୍ ରାସ୍ତାରେ ଅଟକିବା ମୋତେ ବିଚଳିତ କରିଦେଲା। ମୁଁ ମା ତାରିଣୀଙ୍କୁ ମନେ ମନେ ସ୍ମରଣ କରୁଥାଏ। ଠିକ୍ ସମୟରେ ନପହଞ୍ଚିଲେ ଚାକିରି ତ ଚାଲିଯିବ, ନାଟକ ମଧ୍ୟ ପରିବେଷଣ ହୋଇପାରିବ ନାହିଁ। ମୁଁ ପହଞ୍ଚିବାବେଳକୁ ୨ଟା ପରେ ହୋଇଯାଇଥାଏ। ମେଲୋଡ଼ି କିନ୍ତୁ ଚାଲୁଥାଏ। ମୋ ଦେହରେ ଟିକେ ବଳ ଆସିଗଲା। ବୁଝିବାବେଳକୁ ଆନନ୍ଦପୁରରୁ ପାର୍ଟି ସିଫ୍ଟିଂ ହେବାବେଳେ ରାସ୍ତାରେ ଗୋଟେ ଟ୍ରକର ଚକା ଫାଟିଯାଇଥିଲା। ଯେଉଁଥିପାଇଁ ମେଲୋଡ଼ି ଆରମ୍ଭ କରିବା ଡ଼େରି ହୋଇଯାଇଥିଲା। ସେଦିନ ମୁଁ ମା'ଙ୍କ କରୁଣାରୁ ଅଳ୍ପକେ ବଞ୍ଚିଯାଇଥିଲି। ମା'ଙ୍କୁ କୋଟି ଦଣ୍ଡବତ ପକାଇ ମନେ ମନେ ଭାବିଲି ସେ ଆଜି ମୋତେ ବଞ୍ଚେଇ ଦେଲେ। ଏ ହେଉଛି ଭେଟେରାନ୍ ଯାତ୍ରା କଳାକାର ରାମ ନାୟକଙ୍କ ଜୀବନର ଏକ ଅଭୁଲା ସ୍ମୃତି। ତାଙ୍କ ଜୀବନର ଅଭୁଲା ଘଟଣା କଥା ପଚାରିଲା ପରେ ସେ ମା ତାରିଣୀଙ୍କର ଏହି ଅପାର କରୁଣା କଥା ଏକା ନିଶ୍ୱାସରେ ଯେମିତି କହିଯାଇଥିଲେ।



ପ୍ରଥମେ ସେ ଓଡ଼ିଶା ଅପେରାରୁ ଯାତ୍ରା ଜୀବନର ଆରମ୍ଭ କରି ଧଉଳି, ଇଷ୍ଟର୍ଣ୍ଣ ରେଡ୍, ଇଷ୍ଟର୍ଣ୍ଣ କିଙ୍ଗ୍, ଯାତ୍ରା ଗାଁ, ସଚ୍ଚିଦାନନ୍ଦ, ମାୟାନଗରୀ, ପାର୍ବତୀ, ରଙ୍ଗମହଲ ଆଦି ଯାତ୍ରାନୁଷ୍ଠାନରେ ଦୀର୍ଘଦିନ ଧରି ନିଜ ଅଭିନୟର ପାରଦର୍ଶିତା ଦେଖାଇ ଆସୁଛନ୍ତି। ତାଙ୍କ ଅଭିନୀତ ନାଟକ ମଧ୍ୟରେ ରାଣୀ ମହୁମାଛି, ମଙ୍ଗଳସୂତ୍ର, ମୁଁ ତୋର କଣ ହେବି, ଚୁପଚାପ ରାତି ଚୁପଚାପ କଥା, ଲୁହର ଓଜନ ଲୁହାଠୁ ବେଶି, ବାବୁ ମୁଁ ଚୌକିଦାର, ମୁଁ ସେଇ ଭଦ୍ରକିଆ ଟୋକା ଭଳି ଶହ ଶହ ନାଟକ ତାଙ୍କ କଳାକାର ଜୀବନକୁ ଆହୁରି ଅଧିକ ସଶକ୍ତ କରିବା ସହ ଘରେ ଘରେ ପରିଚିତ କରାଇପାରିଛି।



ଆସିନ୍

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com